# କନିକା ବିଜୟ

(ନାଟକ)

ାଶକ—ଶ୍ରୀ ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ

ରାଜାସାହେବ, କନିକା

—୧ମ ସଂସ୍କରଣ—

ସନ୍ ୧୯୬୦ ମସିହା

ରଚକ :—ସରସ୍ୱତୀ, କବିରତ୍ନ

୰ଦାମୋଦର ମିଶ୍ର

କାବ୍ୟ, ବ୍ୟାକରଣ ପୁରାଣ ସ୍ମୃତିତୀର୍ଥ

ବିଦ୍ୟାଶାସନ, କନିକା

ମୂଲ୍ୟ—ଟ ୧-୫୦

# —ଭୂମିକା—

ଏହି ନାଟକ ବର୍ଣ୍ଣିତ କଥା ବାରଶହ ଖ୍ରୀଷ୍ଟାବ୍ଦର ଘଟଣା ସମ୍ବନ୍ଧରେ କୌଣସି ଲିଖିତ ଇତିହାସ ନାହିଁ । କେବଳ ଜନ ପରମ୍ପରାରେ ଚଳି ଆସୁଥିବା ବିଷୟକୁ ଅବଲମ୍ବନ କରି ବିଶ୍ୱାସଯୋଗ୍ୟ କେତେଗୁଡ଼ିଏ ସ୍ଥାୟୀ ପ୍ରମାଣ ଦେଖି ମୁଁ ନାଟକଟି ପ୍ରଣୟନ କରିଅଛି ।


ଏହି ନାଟକର ନାୟକ ଭୁଜବଳଙ୍କ ଆଗମନ ସମୟରେ ଦେଶର ନାମ ଥିଲା 'କମୁକା' । ଜଙ୍ଗଲ ଏବଂ ବିବିଧ ହିଂସ୍ରଜ ପୂର୍ଣ୍ଣହେତୁ ଲୋକବସତି ଅଳ୍ପ ଥିଲା । କୁବେର ସାହୁ ନାମକ ଜ ତେଲିକାରି ଶାସକ ହୋଇ ରାଜସ୍ୱ ରୂପରେ ବିଜୁଳି ... ବୋଇତରେ ବିଦେଶରେ ବିକୁଥିଲେ । ଅସହାୟ ଲୋକେ ମ୍ଳେଚ୍ଛ ଥିବାରୁ ରାଜାଙ୍କ ଅତ୍ୟାଚାରର ପ୍ରତିପଦରେ ଭୋଗୁଥିଲେ ।

ଭଞ୍ଜବଂଶର ହସ୍ତଗତ ହେବାପରେ ରାଜ୍ୟର ନାମାନ୍ତ ବସ୍ତୁତି ଓ ଉନ୍ନତି ଯେ ପ୍ରକାର ହୋଇଅଛି, ସେ ସମସ୍ତ ମୁଁ 'ଭ କନିକା' କାବ୍ୟରେ ବର୍ଣ୍ଣନ କରିଅଛି । ଏହି ନାଟକରେ କନିକ ସମସ୍ତ ବିଷୟ ବୁଝିବା ଦୁଷ୍କର । ସଂକ୍ଷେପରେ କେତୋଟି ପ୍ର କଥା ଜଣାଯିବ ।

'ଭଞ୍ଜ କନିକା' ସମସ୍ତେ ପଢ଼ିବାକୁ ନ ପାଇଲେ ମଧ୍ୟ ଅଭିନୟ ଦେଖିବାକୁ କୁଣ୍ଠିତ ହେବେ ନାହିଁ । ଏହି ଉଦ୍ଦେଶ୍ୟ କନିକାବାସୀଙ୍କ ଉପକାରକ ଭଞ୍ଜବଂଶର ଆଗତ ବର୍ଣ୍ଣନା ବିଷୟକୁ ମୁଁ ନାଟକାକାରରେ ଲେଖିଲି । ଲେଖାରେ ଅନେକ ପ୍ରମାଦ ଥାଇପାରେ । କାରଣ 'ମୁନେରପି ମତିଭ୍ରମଃ' । ସହୃ ପାଠକ ପାଠିକାବୃନ୍ଦ ସୁଦୃଷ୍ଟିରେ ଏହାକୁ ଦେଖିଲେ ମୋର ସାର୍ଥ ହେବ । ଇତି ।

ଶ୍ରୀ ଦାମୋଦର ମିଶ୍ର
କ । କନିକା ।

୦
1736



ପଣ୍ଡିତ-ସରସ୍ୱତୀ ଦାମୋଦର ମିଶ୍ର, କଟକ

୦
1796

# ଉତ୍ସର୍ଗ

ଯେଉଁ ଦୁର୍ଗାଦେବୀଙ୍କ କୋଳରେ ଜନ୍ମ ପାଇ ମୁଁ ଲାଳିତ ପାଳିତ, ଯାହାଙ୍କର ସ୍ୱପ୍ନାଦେଶରେ ମୋର କବିତାର ବିକାଶ, ସେହି ସ୍ୱର୍ଗୀୟା ଜନନୀ ଦୁର୍ଗାଙ୍କର ଶ୍ରୀଚରଣ କମଳରେ ଭକ୍ତିର ଉପହାର-ସ୍ୱରୂପ ଏହା ଅର୍ପଣ କଲି । ଇତି ।

ଶ୍ରୀ ଦାମୋଦର ମିଶ୍ର

ଗ୍ରା । କନକା ।

# ସୂଚୀ

## ନାଟକୀୟ ପୁରୁଷ

ଭୁଜବଳଭଞ୍ଜ—ଢ଼ଖା ରଜା
ରାଜଗୁରୁ—ଭୁଜବଳଭଞ୍ଜଙ୍କ ଗୁରୁ
ଲକ୍ଷ୍ମୀଗୁପ୍ତ ସୌଦାଗର—ବ୍ୟବସାୟୀ
କୁବେର ସାହୁ—ରଜା
କେବର୍ତ୍ତ—ରଜାଙ୍କର ମନ୍ତ୍ରୀ
ବାୟୁ ସଞ୍ଚାଣ—ରଜାଙ୍କର ପାଖ ଲୋକ
ଝିମାକଳା ପାହାଡ଼ି— ,,
ଗୁମାସ୍ତା—
ମକର— } ସୌଦାଗରର ଲୋକ
ଗୋବିନ୍ଦ ପାଇକ – ରଜାଙ୍କ ପାଇକ
ପାନବରଜ – ପାନବରଜ ଜଗୁଆଳୀ
ଖଣ୍ଡୁ – ମଦୁଆ
ଝଗୁ ବଳବନ୍ତରାୟ
ସପନ ପଶ୍ଚିମକବାଟ
ମାନ ସାମନ୍ତରାୟ
ଅଭି ଉତ୍ତରାୟ
ବେଣୁ ମଙ୍ଗରାଜ
ବୀର ମହାରଥୀ } ବଡ଼ ସାନ ଭଦ୍ରବ୍ୟକ୍ତି
କରୁଣି ପାଣି—ରଜାଙ୍କ ପଣ୍ଡିତ
ପାଣୁ ନାହାକ—ଜ୍ୟୋତିଷ ପଣ୍ଡିତ

ନବୀନ ସ୍ୱାଇଁ—ଜଣେ ପ୍ରଜା

ନକୁଳ ରାଉତ—ପ୍ରଜା

ବଳିଆ— } ଏକନ ପୁଅ
ଦଳିଆ— }

ବଳିଆର ସିଂହ— } ପୁଆଳ
ଭୁଆଁ ବାଘସିଂହ— }

ଭଗୁ—ପୁଆଳ

ଘବନା—ପୁଆଳ

ପ୍ରହରୀଗଣ—

———

## ନାଟକୀୟ ସ୍ତ୍ରୀ—

କନକା—ଭାବୀ ରାଣୀ (ସୌଦାଗରଙ୍କ ପାଳିତା କନ୍ୟା)

ରମା—ସୌଦାଗରଙ୍କ ପତ୍ନୀ

ବେଲ୍ଲାଳୀ—ବଳିଆରସିଂହ ପତ୍ନୀ

ଲୀଳା— }
କାଞ୍ଚନ— } କନକାଙ୍କ ସଖୀ
ମାଧବୀ— }

ଶଙ୍ଖିମା—ନକୁଳ ରାଉତ ସ୍ତ୍ରୀ

ନର୍ତ୍ତକୀଗଣ—

———

## ରାଗ କାମୋଦ ଏକତାଳ (୧ମ ଗାନ)

ଦୟାମୟି କାଳି ନବୀନ ଘନ କାଳିମା । ପଦ

ସ୍ଖଳିତ ଚରିତ, ମୁଁ ଦୁରିତ ସରିତ
ପଙ୍କରେ ନିପତିତ ପାପହିଲ୍ଲୋଳେ
ସୁତ ଶୋକେ କାତର, କୃପାକରି ସତ୍ୱର
ଉଦ୍ଧରି ଧର ତୋଳି ମାତ କୋଳେ । ୧

ଅଛୁ କେଉଁ ଦରଶା, ନେବ ଯାର ଭରସା
ଶ୍ରୀପାଦ ଧୂଳି ବିନା ପିନାକିନୀ
ବିଧି ବିଧୁ ଈଶ୍ୱର, ରୂପେ ହେତୁ ବିଶ୍ୱର
ରଚନାଦିରେ ରତ ଏକାକିନୀ । ୨

ତବ ସେବା ବିରତ, ଏଣୁ ମୋର ନିରତ
ଲଭିବା ଆଶେ ଭବେ ଦିବ୍ୟ ସୁଖ
ଈଶାନି ତୋ ସରସା, ଦୟା ସୁଧାବରଷା
ଭସାଇ ନେଉ ଦୂରେ ସବୁ ଦୁଃଖ । ୩

—ଶ୍ରୀଦୁର୍ଗାଦେବୀ ଭକ୍ତପୂତେଚରଣଂ—

ଠ
1736

# କନକା ନାଟକ

## ୧ମ ଅଙ୍କ—ପ୍ରଥମ ଦୃଶ୍ୟ

(ସ୍ଥାନ—କୁଜଙ୍ଗ ରାଜଭବନ ନାଟମନ୍ଦିର, ସମୟ ସନ୍ଧ୍ୟା)

ନର୍ତ୍ତକୀ ଗଣର ପ୍ରବେଶ ଓ ଗାନ । ୨ୟ

ଶ୍ୟାମା ଆଶା ବସନା-ନରକର ରସନା
ତୋ କୃପରୁ ପୂରୁ ଦାସ-ଗୁରୁବାସନା ।
ଜଗତର ଆଦରଶକତି-ନବ ଉତ୍ସାହଶକତି
ସ୍ମୃତି ପଥରୁ କଦାପି ଦୂରେ ବସନା ।
ଋଦ୍ଧି ସିଦ୍ଧି ଭବ ସୃଷ୍ଟି ସ୍ଥିତି ଲୟେ
କ୍ଷମାମୟି ତୁମରି ଆଶ୍ରୟେ
ସଦୟେ ଦିବାରଜନୀ କର ଜଗତ ଜନନୀ
ଅବସାଦେ ବା ପ୍ରମାଦେ ମୋ ଆଶ୍ୱାସନା । ୧

ଭଗବତି ତିନି ଭୁବନ ନିଦାନ
ନିଗମ ଅଗମ୍ୟ ତବ ଅବଦାନ
ପ୍ରତି ନିଶ୍ୱାସେ ଅନ୍ତର ଜପୁ କାଳୀଙ୍କ ମନ୍ତର
କରିବ ଏଥିରୁ ବେଶୀ କ ଉପାସନା । ୨

(ପ୍ରସ୍ଥାନ)

(ପଟ ପ୍ରକ୍ଷେପ)

(୨ୟ ଦୃଶ୍ୟ, ଉତ୍ତର ଦ୍ୱାର)

ଜଣେ ଦାସୀ—(ପ୍ରବେଶ କରି) ଦୁଆରେ କିଏ ଅଛରେ ?

ଗୋବିନ୍ଦ ପାଇକ—(ପ୍ରବେଶକରି) ମୁଁ ଅଛି । ବଡ଼ ଉଠିଆ ଡାକ

ଦାସୀ—ଉଠିଆ ଡାକ କଣ ?

ପାଇକ—କିଏ ଅଛରେ ପାଇକ କି ତୋର ନାହିଁ ନା ଆଜ୍ଞା କହୁ

ଦାସୀ—ତୋତେ କଣ ଆଜ୍ଞା ଅବଧାନ କହନ୍ତି !

ପାଇକ—କହିଲେ କି ଦୋଷ ।

ଦାସୀ—ଆଲୋ, ଦେଖିଲ୍ । ଏହାର ଏତେ ଗାରିମା ଏହାକୁ ଆଜ୍ଞା କହିବ ।

ପାଇକ—ଆଲୋ ଚମ୍ପା । ତୁ ମୋ ଗାରିମା ଛଡ଼ାଇ ଦେବୁ, ଜା ନାହୁଁ ମୁଁ ଜାଗିରିଖିଆ । ସାତ ପୁରୁଷିଆ ଚାକର, ତୁ ଅଡ଼େ ହନଆ, ଆମକୁ ଡାକବୁ କିଏରେ ।

ଦା—ମଲମ, ଏହା ଜଗୁରନ୍ତି ଭାର ବଢ଼ି ଗଲଣି । ଆରେ ସେହି କଣା ବଛନ୍ଦା ପୁଅ ଗୋବିନ୍ଦାନା, ତୋ ବାପକୁତ ଏହିପରି ଡାକ ଆସିଛି । ତୁ ଆଜି କଣ ଭମ ଦେଖେଉଛୁ ।

ଗୋବିନ୍ଦ—ତୋତେ ମୁଁ ଚିହ୍ନିଛି ଯେ ।

ଦାସୀ—କଣ ଚିହ୍ନିଛୁ ।

ଗୋବିନ୍ଦ—ତୁ ଅନନ୍ତପୁର ବାଉଲଚଣ୍ଡି ଭଉଣୀ ନା ।

ଦାସୀ—ହେଲ ସେଥିରେ କି ଗଲା ।

ଗୋବିନ୍ଦ—ଯିବ କ'ଣ, ଆଜ କାଲିତ ରଜା ଘରେ ପଶି ଜାତକୁ ଉଜ୍ଜ୍ୱଳ, ସେ କଥା କି ମନେ ଅଛି ।

ଦାସୀ—ଆଜ ମୁଁ କାହା ମୁହଁ ଚାହିଁଥିଲି, ଏ ଧରମ ଦଣ୍ଡାଟା ମିଛ ମୋ ସଙ୍ଗରେ ପାଟିଏ କଜିଆ କଲଣି । ଯାଉଛି ମଣିମ ଜଣେଇମି ଗୋବିନ୍ଦା ପାଇକ ମୋ କଥା ଶୁଣିଲା ନାହିଁ ।

(ଉମନୋଦ୍ୟତ

ାବିନ୍ଦ—(ସ୍ୱଗତ) ଏ କଣ ବାଉଁଶ ଆଣିଛୁ । ମଣିମାଙ୍କୁ ମୋ
ନାମରେ ଏପରି କହିଲେ ସେ ରାଗିବେ । (ପ୍ରକାଶ୍ୟ) ଅପା
ଅପା ତୁ ଖପା ହେଉଛୁ କି । ମୁଁ ଜେଲ ହଉଥିଲି । ମଣିମା
ଙ୍କ ଆଜ୍ଞା ଦେଇଚନ କହ ।

ାସୀ—କାଲି ସକାଳେ ଜେମା ଅକାମାନେ ଡଙ୍ଗା ଭସାଇବାକୁ
ଦରିଆ କୂଳକୁ ବିଜେ କରିବେ । ବିଷୟୀଙ୍କୁ କହିବୁ ଭଲେ
ଜାଲିଆ ଠିକ୍ କରିରଖିବ ।

(ପ୍ରସ୍ଥାନ)

ାବିନ୍ଦ—ହଉ, ଯାଉଛି ।

(ପ୍ରସ୍ଥାନ)

(୧ମ ଅଙ୍କ, ୩ୟ ଦୃଶ୍ୟ)

ସ୍ଥାନ-ବାରୁଦ-ଶ୍ରୀରାମଚଣ୍ଡୀଙ୍କ ମଣ୍ଡପ ସମ୍ମୁଖ ।

ାଦାଗର ଲକ୍ଷ୍ମୀଗୁପ୍ତ—(ପ୍ରବେଶ କରି) (ଉପରକୁ ଚାହିଁ)

ଆକାଶ ଘନାଚ୍ଛନ୍ନ ହୋଇ କୃଷ୍ଣ ମର୍ମର ପାଷାଣ ତୁଲ୍ୟ ଦେଖା-
ଉଛି । ତନ୍ମଧ୍ୟରେ କଷଟି ପଥରରେ ସୁବର୍ଣ୍ଣରେଖା ସଦୃଶ ବିଜୁଳି
ଳୁଛି । ମେଘର ଗର୍ଜନ ପୁଣି ଭୟଙ୍କର । ଏହା ସଙ୍ଗେ ବୃଷ୍ଟି
ରମ୍ଭ ହେଲାଣି । ଆଜି କ'ଣ ପୃଥିବୀର ପ୍ରଳୟ ହେବ (ଦୂରକୁ
ହିଁ) ଓହୋ ପବନ ବେଗରେ ଉତ୍ତାଳ ତରଙ୍ଗମାଳା ଉପରୁ ଉପର
ଠୁଅଛି । ଶିଶୁମାର ପ୍ରଭୃତି ଜଳଜନ୍ତୁଙ୍କ ଫୁତ୍କାରରେ ଉତ୍କ୍ଷିପ୍ତ ଜଳ-
ଣା ଲକ୍ଷ ଲକ୍ଷ ନକ୍ଷତ୍ର ସୃଷ୍ଟି କରୁଛନ୍ତି । ଏ ପ୍ରକାର ଦୁଃସମୟରେ
ର୍ବୁଦ୍ଧି ନାବିକଗଣ ସମୁଦ୍ର ଅଭିମୁଖରେ ଜାଲିଆଟିଏ ଧରି
ଉଛନ୍ତି । ଜାଲିଆର ଅବସ୍ଥା ଯେଉଁଭଳି ହେଉଛି ସେଥିରେ ସେ
ଳମଗ୍ନ ନହୋଇ ରହିବା ଅସମ୍ଭବ । ସବୁ ଦେଖି ରାମଚଣ୍ଡୀଙ୍କର

ଇଚ୍ଛା । ବାତ୍ୟାର ବେଗ କମିବାଯାଏ ମୁଁ ମଣ୍ଡପରେ ଆଶ୍ରୟ ନେ
ସ୍ତୁତି ପାଠ କରେଁ ।

(ସ୍ତୁତିପାଠ)

ମା ଜୟ ଦେବୀ ରାମଚଣ୍ଡୀ-ତୁମ ବନାଇବେ
କେପାରେ ବପଦ ଖଣ୍ଡି ।
ତ୍ରିଲୋକ ବନ୍ଦିତ ତବ ଶ୍ରୀ ଚରଣ—
କମଳ କେବଳ ଯାହାର ଶରଣ
ସେ ନିଜ ଅନ୍ତର—ଯଶକୁ
ସୁମର ହାରେ ଦଏ ବାଗମଣ୍ଡି । ୧
ତୁମେ ଚରାଚର ଜଗତ ନିଦାନ—
ଜନନୀ ବଚନ ତୁମ ଅବଦାନ
ଗାଇ ଯେଉଁ ସୁକ୍ତ ଯୋଗୀ ଲଭେ ମୁକ୍ତ
କରାଳ କାଳକୁ ଭଣ୍ଡି । ୨

ମକର—(ପ୍ରବେଶକରି) ଦଣ୍ଡବତ ।

ସୌଦାଗର—ମକର ଖବର କଣ ? ବତାସରେ ବୋଇତର କ
କ୍ଷତି ହୋଇ ନାହିଁ ତ ।

ମକର—ଆଜ୍ଞା ନା । ମୁଁ ପାଗଡ଼ି ଦେଇ ଦୁଇଟା ନଙ୍ଗର ପକେ
ଅତି କଷ୍ଟରେ ବୋଇତକୁ ରକ୍ଷା କଲୁଁ ।

ସୌଦାଗର—ମୁଁ ତ ଦେବୀଙ୍କ ଦର୍ଶନ କଲିଣି । ବତାସ ହେବାର
ରହିଗଲା । ବାଆକୁ ଦେଖ, ପାନ ବରଜଟା ଦେଖି ଯାଇଥାନ୍ତ
ତୋର ଆସିବାର କି କାରଣ ?

ମକର—ଆଜ୍ଞା ବତାସ କମିଆସିଲା ବେଳେ ଗୋଟିଏ ସୁନା କଣ୍ଢେ
ଦରିଆକୁ ଉଡ଼ି ଯାଉଥିଲା ।

ସୌଦାଗର—ଆରେ ମୂର୍ଖ । ସୁନା କଣ୍ଢେଇ କି ଉଡ଼େ ।

କର—ଆଜ୍ଞା ସେହିପରି, ଛ ସାତ ବରଷର ଝିଅଟିଏ ।

ୀଦାଗର—(ବିସ୍ମୟେ) କେଉଁଠି ?

ଇର—ଏହି ପାଖ ଦ୍ୱୀପ ମୁହାଣରେ ।

ୀଦାଗର—ତୁମେମାନେ ତାର ଉଦ୍ଧାର କଲ ନାହିଁ ।

ର—ଆଜ୍ଞା ଉଦ୍ଧାର କରିଛୁଁ ।

ୀଦାଗର—ସେ ଜୀବିତ ଅଛି ।

ରି—ତାର ଜୀବନ ଅଛି । କିନ୍ତୁ ଏ ଅବଧି ଚେତା ହୋଇ ନାହିଁ ।

ଦ ଗର—ଶୀଘ୍ର ଯାଅ, ତାକୁ ସେବ । ମୁଁ ପାନବରଜଟା ଦେଖି ଯାଉଛି ।

ର—ଯେ ଆଜ୍ଞା । (ପ୍ରସ୍ଥାନ)

ଦାଗର—(ସ୍ୱଗତ) ଭଗବାନଙ୍କର ଲୀଳା ବୁଝିବାରେ କାହାର ଶକ୍ତି ନାହିଁ । ମୋର ମନ କାହିଁକି ଆନନ୍ଦ ଏବଂ ଦୁଃଖ [illegible] ଅନୁଭବ କରୁଛି ।

(ପାଦ ପ୍ରକ୍ଷେପକରି ନେପଥ୍ୟକୁ ଚାହିଁ) ହୋ ବଇଣ ।

ଥ୍ୟ—କିଏ ହେ ।

ଦାଗର—ଆମ୍ଭେ ଜଣେ ବିଦେଶୀ । କୌଣସି କାରଣରୁ ବୋଇତକୁ ଯିବାକୁ ବ୍ୟଗ୍ରଅଛୁ । ତୁମ୍ଭେ ଆସି ମୋତେ କର୍ପୂର କାନ୍ତ ପାନବରଜ ଚିହ୍ନାଇ ଦିଅ ।

ଜ—(ଉପସ୍ଥିତ ହୋଇ) ଏହି ତୁମ ଆଗରେତ ସେହି ବରଜ । ଏହା କେବଳ ଦେଶାଙ୍କ ବଡ଼ଆ ପାଇଁ ତୋଳା ଯାଏ । ତୁମେ ଭଲକରି ଦେଖ; ଉତ୍ତଳ ହେଉଛ କାହିଁକି ?

ଦାଗର—ଗୋଟିଏ ଝିଅ ଭସି ଯାଉଥିଲା । ମାଝୀମାନେ ତାର ଉଦ୍ଧାର କରିଛନ୍ତି । ସେ ଅବଧି ସଚେତ ହୋଇ ନାହିଁ ବୋଲି ଶୁଣିଲି ସେଥିପାଇଁ ଚଞ୍ଚଳ ଅଛି ।

ବରଜ — ଆରେ ହୋ ଆମ ରଜାଙ୍କ କନକା ଜେମା କାଲିଙ୍କ
ପୁନେଇ ଦିନ ସମୁଦ୍ରରେ ଡଙ୍ଗା ଭସେଇବାକୁ ଯିବେ ବୋଲି
ମୁଁ ନଅରରେ ଶୁଣିଥିଲି । ସେ ନୂହନ୍ତ ।

ସୌଦାଗର — ତାହା ମୁଁ କିମିତି ଜାଣିବି ।

ବରଜ — ତେବେ ଶୀଘ୍ର ଯା' ଯା । ମୁଁ ମଧ୍ୟ ବତାସରେ ଉଜୁଡ଼ି
ପଡ଼ିଥିବା ପାନଲଟା ଗୁଡ଼ାକ ସଜାଡ଼ିବାକୁ ଯାଉଛି ।
(ଉଭୟର ପ୍ରସ୍ଥାନ)

(୧ମ ଅଙ୍କ, ୪ର୍ଥ ଦୃଶ୍ୟ)

ଭୁଜବଳଭଞ୍ଜ ଓ ଶ୍ୟାମସୁନ୍ଦର ରାଜଗୁରୁ ।
ସ୍ଥାନ ମହୁର ଗାଁ, ଗ୍ରାମାନ୍ତ ବରଗଛ ମୂଳ ।

ଭୁଜବଳ — ଗୁରୁଦେବ ।
ବହି ଲହିଥିଲି ଭଲେ ଏହି କଥା ମୋର
ପବନ ଭାସ୍କର ବଂଶେ ବୀରେନ୍ଦ୍ର ଔରସେ
ଜାତ ହୋଇ ଲଭି ପୁଣି ମହାରାଜ ପଦ
ମୟୂରଭଞ୍ଜ ସଦୃଶବ ସଙ୍କଟ ରାଜ୍ୟେ
'ଉତ୍କଳ କୁବେର ମହୀତଳ କଳ୍ପବୃକ୍ଷ'
ବହି ଏହି ଶ୍ଲାଘ୍ୟ ନାମ ହିଁର ଦିନ ପରେ
ଈର୍ଷାପର ବୈମାତେୟ ଭ୍ରାତୃଙ୍କର ଦୋଷେ
ଅପମାନେ ସେ ବିପୁଳ ଐଶ୍ୱର୍ଯ୍ୟ ବରଜ
ଭିକ୍ଷୁତୁଲ୍ୟ ବନେ ଗ୍ରାମେ ଖରା ବରଷାରେ
ଅର୍ଦ୍ଧାଶନେ ନିରାହାରେ ଭ୍ରମିଛି ନିରତେ
ଓହୋ କି ନିଷ୍ଠୁର ବ୍ୟବହାର ଜ୍ଞାତିଜନଙ୍କର

ଦାୟ ଲୋଭେ ଛାଡ଼ ମାୟା ମମତା କ୍ଷଣକେ
ବଜ୍ରରୁ କଠିନତର ପାଲଟେ ହୃଦୟ
ଦ୍ୱାପର ଥିଲେ ମୁଁ ତାଙ୍କୁ ଅନାୟାସେ ନାଶି
ଭୁଜବଳ ନାମ ମୋର କରିଥାନ୍ତି ସାର୍ଥ; କିନ୍ତୁ
ପାପେଡର ସୁଖେ ଦେଲି ଜଳାଞ୍ଜଳି ।

[redacted]ାଜଗୁରୁ—ସ୍ଥିର ହୁଅ ବତ୍ସ । କର ସାହସେ ନିର୍ଭର । ଅଚଳମୟ ଜଗତେ ବିଧିର ବିଧାନ । ପ୍ରଭାତରେ ଯୁବରାଜ ହୋଇଥାନ୍ତେ ରାମ, କିନ୍ତୁ ମୁନିବେଶେ ବନେଗଲେ ତା ପରଦିନ । ସୁଖ ବା ଦୁଃଖ କାହାରି ନୁହେଁ ଚିରସ୍ଥାୟୀ, ପରିବର୍ତ୍ତନ ହୁଏ ସେ ରଥଚକ୍ର ବତ ।

[redacted]ୁଜବଳ—ଯା' ହେବାର ହୋଇଅଛି ନିୟତିର ବଶେ । ସତ୍ୟକି ମୁଁ । କି ନିମିତ୍ତ ଆପଣ ମୋ ଦୁଃଖେ ଦୁଃଖୀ ହୋଇ ସହୁଛନ୍ତି । ଅସହ୍ୟ ଯାତନା—ତବ କଷ୍ଟ ଦରଶନେ ଫାଟିଯାଏ ଛାତି । ଯେଉଁ ବିପ୍ରର ଆଶିଷେ ସ୍ୱର୍ଗ ଲଭେନର—କ୍ଷଣକେ ଯେ ତ୍ରିଭୁବନ ଭସ୍ମ କରିପାରେ—ସ୍ୱୟଂ ଦେବ ଭଗବାନ ନିଜ ବକ୍ଷ ଦେଶେ - ବହିଛନ୍ତି ସମାଦରେ ଯାର ପାଦଚିହ୍ନ । ସେହି ପରୋପକାର ବ୍ରତ ଦସ୍ୟୁଙ୍କୁ ବ୍ରାହ୍ମଣ ଜାତିର ଗୁଣ ତାଙ୍କର ହେଲା ନାହିଁ ଭୟ—ବିଶେଷରେ ପୂଜ୍ୟତମଗୁରୁ ହେଲେ ଭକ୍ତ ।

[redacted]ାଜଗୁରୁ—ବତ୍ସ ଭୁଜବଳ । ଛାଡ଼ ସେ ସବୁ ଭାବନା । ତୁମ ନାହିଁ ଭଲେ ମାତ୍ର ମୋ ପାଇଁ ଦୁଃଖିତ । ଧାର୍ମିକର ଜୟ ଅଧର୍ମୀର ପରାଜୟ । ଧର୍ମେ ନିରନ୍ତର ମତି ଦେଖି ମୁହିଁ ତବ ସ୍ନେହ ପାଶେ ବନ୍ଦୀ ଏହା ଜାଣିବ ନିଶ୍ଚିତ । ମୋର କିଛି କଷ୍ଟ ନାହିଁ କେବଳ ତୁମର ଦୁଃଖ ଅବସାନ ପାଇଁ ମୁଁ ଅଧୀର ଚେତା ।

ଦୟାମୟୀ ଜଗଦମ୍ବା ଦୁର୍ଗାଙ୍କ ପ୍ରସାଦେ ଅବିଲମ୍ବେ ଦୂର ହେବ ମାନସିକଚିନ୍ତା ବତ୍ସ ଅହରହ ତାଙ୍କ ପଦ ଶତଦଳେ—ଅଚଳା ଭକ୍ତିକର ହେବେ ସେ ବରଦା ।

ଭୁଜବଳ—ଗୁରୁଦେବ ଆପଣଙ୍କ ଆଜ୍ଞା ଶିରେଧରି ଦୁର୍ଗା ଦେବୀଙ୍କ ଶ୍ରୀଚରଣେ ଖଟାଇଛି ମଥା—ତାଙ୍କ ବିନା ନଜାଣେ ମୁଁ ଅନ୍ୟ ଦେବ ଦେବୀ ।

ରାଜଗୁରୁ—ଏକମାସ ହେଲା ଆସି ମୟୂରଭଞ୍ଜରୁ—ବହୁବନେ ବହୁ ଗ୍ରାମେ କଲେଣି ଭ୍ରମଣ—କିନ୍ତୁ ଏତାଦୃଶ ରମ୍ୟ ସ୍ଥାନ ଅନ୍ୟ ଠାରେ ହୋଇନାହିଁ ବତ୍ସ ଆମ୍ଭ ନୟନ ଗୋଚର—ଅବିରତ ବୁଲି ବୁଲି ପଡ଼ିଅଛୁ ଥକି—ଶୁଖିଗଲାଣି ତମ୍ଭର ସୁଧାକର ମୁଖ ବିଶ୍ରାମ କରି ଏଠାରେ ଦୁଇ ଚାରିଦିନ—ବୁଝିବା ଏ ଦେଶେ ରାଜା ଅଟେ କି ପ୍ରକାର ।

ଭୁଜବଳ ଏ ଦେଶର ରାଜା ପୁଣି ତାଙ୍କ ଆଚରଣ—ଜାଣିବାରେ କିସ ସିଦ୍ଧ ହେବ ପ୍ରୟୋଜନ ।

ରାଜଗୁରୁ—ରାଜାଙ୍କର ନିକଟରେ କର୍ମ୍ମଦାନ ପାଇଁ ତୁମ ଅବସ୍ଥାନ । ପ୍ରାର୍ଥୀ ହେବ କି ଭୁଜବଳ ଏ ବିଷୟରେ କି ରୂପ ତବ ଅଭି-ରୁଚି ?

ଭୁଜବଳ—ଆପଣଙ୍କ ବଚନ ହିଁ ପ୍ରମାଣ ମୋହର—ପରାଧୀନ ରହିବାକୁ ବଳେ ନାହିଁ ସ୍ପୃହା ।

ରାଜଗୁରୁ—ଯାବତ ମୋ ଦେହରେ ପ୍ରାଣ ଥିବାଯାଏ—ଦେଖିବି ନାହିଁ ତୁମ୍ଭଙ୍କୁ ପରାଧୀନ କେବେ । ଉପସ୍ଥିତ ସମୟର ଅନୁ-ରୋଧ ଆଜ କେବଳ ଆଶ୍ରୟ ଭିକ୍ଷାକରେ ଅଭିଳାଷ ।

ଭୁଜବଳ—ଯାହା ଇଚ୍ଛା ହୁଏ ତାହା କରନ୍ତୁ ଆପଣ । କେହି ନାହାନ୍ତି ସେ କଥା ପୁଛିବେ କାହାକୁ ।

ରାଜଗୁରୁ—(ନେପଥ୍ୟକୁ ଚାହିଁ) ଗୀତ ଗାଇ ଗାଇ ଆସେ ଖରବାଗ୍ଧ
ଜଣେ—ତାକୁ ପଚାରି ବୁଝିବା ସମସ୍ତ ବିଷୟ ।

(ମଦଭାର ଧରି ଢ଼ଳ ଢ଼ଳ ଗୀତ ଗାଇ ଖଭୁସାହୁ ଗୁଣୀର ପ୍ରବେଶ)

ଖଭୁ—ଗୀତ ।

ଯେ ମଦ ଖାଇବା ମଜା ବୁଝିଛୁ ଥରେ
ଛାଡ଼େ କି ତା' ସେ ଭିଖାରି ହେଲେ ପଥରେ । ପଦ ।
ଆସିଲେ ମଦର ନିଶା ଜଣା ନୁହେଁ ଦିବାନିଶା
ବୁଲେ ଚଢ଼ି ଦଶଦିଶା ମନରଥରେ । ୧ ।
ମଦ ନିଶାରେ ଗୁମାନେ ଇନ୍ଦ୍ର ଚନ୍ଦ୍ରକୁ ନମାନେ
ତାର ପର ଅପମାନେ ଗ୍ଳତ ନଥରେ । ୨ ।
କଙ୍କଡ଼ା ହୋଇଲେ ଗୃଠ ଫିଟଇ ସରଗ ବାଟ
ତେଣିକି ନ ବୁଜେ କାଠ କ୍ଷେତ ପଥରେ ।

ରାଜଗୁରୁ—(ଉଚ୍ଚସ୍ୱରେ) ହେ ଖରଆ ! ହେ ଖରଆ !
ଖଭୁ—ନାହୋ । ଉଶୁଆସ ହେଇଛୁ ।
ରାଜଗୁରୁ – ଆରେ ଶୁଣି ଯା ।
ଖଭୁ—ନା ମୁଁ ଶୁଣିବିନା—ଏ ବଳଗ୍ନ ମାଲ ନୁହେଁ । ରଜାଙ୍କ
ନିତ୍ୟାନମଦ ।
ଭୁଜବଳ—ରାଜା କଣ ମଦ୍ୟପାନ କରନ୍ତି ?
ଖଭୁ—ନା, ନା, ଆମରଜା ପାନ କରନ୍ତି ନା ।
ଭୁଜବଳ—ଆଉ କଣ କରନ୍ତି ।
ଖଭୁ—(ଅଭିନୟ ଦେଖେଇ) ପିଅନ୍ତି, ପିଅନ୍ତି ।

(ରାଜଗୁରୁ ଓ ଭୁଜବଳ ଠାରଠାରି ହୋଇ ...

ଖଭୁ—ଏଁ, ଏଁ ତମେ ଡକେଇତ କି, ମୋ ଘର ଛଡ଼େଇ
ନେବାକୁ ବସିଛତ ।

ରାଜଗୁରୁ--ବାଃ, ତୁ ତ ଗୋଟିଏ ଜାଣିବାନର, ଅମେ ଛଡ଼େଇ
ନେବୁ ନାହିଁ ଟିକିଏ ଠିଆ ହୋଇ ଶୁଣ ।

ଖଭୁ—ମୋତେ ଛୁଡ଼ା ହେବାକୁ ବେଳ ନାହିଁ । ସଞ୍ଜ ହୋଇ
ଆସିଲଣି । ଗଡ଼ ଏଠିକି ତିନିଯୁଜନ ବାଟ । କଣ କହିବ
କୁହ । ଏ ମଦରୁ ଟୋପାଏ ଦେବିନା ।

ରାଜଗୁରୁ—ବାପ, ଟିକିଏ ସ୍ଥିର ହୁଅ ।

ଖଭୁ—ତମେ ବାପ କହୁତ, ଦାଦାକହ ରାଜାଙ୍କ ଖଞ୍ଜା ମଦରୁ
ଟୋପାଏ ଦେବିନା ।

ରାଜଗୁରୁ—ଆରେ ଅମ୍ଭେ ମଦ ମାଗୁନାହୁଁ ।

ଖଭୁ—ଆଉ କଣ ମାଗୁଛ ?

ରାଜଗୁରୁ—(ହସି) କିଛି ମାଗୁନାହୁଁ । ଏ ଗାଁର, ଏ ଦେଶର, ତୁମ୍ଭ
ରାଜାଙ୍କର ଆଉ ତୋ'ର ନା କଣ ଶୁଣିବାକୁ ଚାହିଁଛୁ ।

ଖଭୁ—ଆଲେ ମା, ମୁଁ ଏତେ ମିଛା ନା କହିପାରିମିନା । ଡେରି
ହେଲେ ରତନ ରାପୁ ପିଟି ପକେଇବ ।

ରାଜଗୁରୁ—ରତନ ରା' କିଏ ?

ଖଭୁ—ତମେ ରତନ ରା'କୁ ଚିହ୍ନ ନା । ସେ ଅମ ରଜାଙ୍କ ବେବର୍ତ୍ତା
ତାହାରିତ ଦୁହି ଫେରୁଚି—ଆଉ କିଏ ଖଣ୍ଡାରେ ମୁ ଣ୍ଡକାଟେ ।
ସେ ହାତରେ ମୁଣ୍ଡ କାଟିବା ଲୋକ । ତମେ ବାଟ ଛାଡ଼, ମୁଁ
ଯାଏଁ ।

ରାଜଗୁରୁ—ଆଗ ତୋର ନାଁ କଣ କହତ ତେବେ ଛାଡ଼ିବ ।

ଖଭୁ—ମୋ ନାଁ ଯାହା ବିଲରେ ପକାନ୍ତି ।

ରାଜଗୁରୁ—ତୋର ନାମ ଖତ ?

ଖଭୁ—ହୁ, ହୁ ।

ରାଜଗୁରୁ—(ହସି) ଖଭୁ ତାହେଲେ ନାମାନୁରୂପୋ ଗୁଣଃ । ଆରେ
ତୋର ନାମଟିତ ବେଶ, ଏ ଦେଶର ନାଁ କଣ ?

ଖଭୁ—ଛମ୍ପକା ।

ଭୁଜବଳ—ରାଜାଙ୍କ ନାମ ?

ଖଭୁ—ରଜାଙ୍କ ନାଁତ ରଜା, ଆଉ କଣ ।

ଭୁଜବଳ—(ସ୍ୱଗତ) ବୋଧହୁଏ ରଜାଙ୍କ ନାମ ଜାଣି ନାହିଁ ।
(ପ୍ରକାଶ୍ୟେ) ଏ ଗାଁର କି ନାମ ?

ଖଭୁ—ତମେ ମତେ ଶୁଣ୍ଢୀ ଦେଖି ଭୁଣ୍ଡୀ ଦେଉଛ । ମୁଁ ଆଉ କହି
ପାରିବି ନା (ବେଗରେ ପ୍ରସ୍ଥାନ) ।

ରାଜଗୁରୁ—ଆରେ ରହରହ, (ନ ଶୁଣିବାରୁ) ହଉ ଯା'କୁ ମଲୁଆ
ଯା'—କେତେଗୁଡ଼ିଏ ଯୁବତୀ ପାଣି ପାଇଁ ଆସୁଛନ୍ତି । ତାଙ୍କୁ
ପଚାରିବା ।

(ରମଣୀଗଣର କଳସ କାଖେ ପ୍ରବେଶ) ଗୀତ

ଚାଲ ଆଣିବା ପାଣି—ସଜନୀ ରଜନୀ ଆସେ ।
ବଧୂଳି ଫୁଟିଲେ ତା' ବାସେ ଯୁଟିଲେ ମଧୂଳିଃ ମଧୁ ଆଶେ । ପଦ ।

(ଦେଖ) ଲୋହିତ ଛବି ଧରିଣରବି ବାରୁଣୀ କୋଳରେ ରହେ
ସରେ ମାନିନୀ ଦୁଃଖେ ନଳିନୀ ମୁଦଇ ନୟନ ଲାଜେ
ଚକ୍ରବାକ ଟେକିଣ କମଳ ନାଳେ
ମାନସରେ ଲୁଚି ବିରହ ଜ୍ୱଳେ
ବିବିଧ ରଙ୍ଗେ ରବି ବିହଙ୍ଗେ ବାହୁଡ଼ନ୍ତି ନିଜବାସେ । ୧ ।

ଫିଟାନ୍ତି ମୁଦେ ଆଖିକୁ ମୁଦେ ଦେଖିବାକୁ ନଶାକାନ୍ତେ
ଜଣାଏ କାଳ ଡାକି ଶୃଗାଳ ହୁକେ ହୁକେ ଗ୍ରାମପ୍ରାନ୍ତେ ।
ଗଗନରେ ପାଦଧୂଳି ଉଡ଼ାଇ
ହମ୍ବାନାଦେ ଗୋଠୁ ଆସନ୍ତି ଗାଈ
ନକର ଡେରି ଆସିବା ଫେରି ନ ପଡ଼ି ଅନ୍ଧାର ଫାଶେ ।୨।

ରାଜଗୁରୁ—(ନିକଟକୁ ଯାଇ) ଝିଅମାନେ ଏ ଗାଁର ନାମ କଣ— ରହିବାକୁ ବସା ମିଳିବ ।

ଜଣେ ଯୁବତୀ—ଏହାର ନାମ ମନ୍ଥର ଗାଁ, ମଉସା ଆମ ସଙ୍ଗରେ ଆସ, ବସା କରିଦେବୁ ।

ରାଜଗୁରୁ—(ସ୍ୱଗତ) ଗ୍ରାମ୍ୟ ରମଣୀଙ୍କର କେଡ଼େ ସରଳତା । (ପ୍ରକାଶ୍ୟେ) ହଉ ଚାଲ । (ସମସ୍ତଙ୍କର ପ୍ରସ୍ଥାନ)

## ୧ମ ଅଙ୍କ, ୫ମ ଦୃଶ୍ୟ

(ସ୍ଥାନ—ବଜ୍ରପୁର ଗଡ଼ ଉଦ୍ୟାନ)

ରାଜା କୁବେର ସାହୁ ଓ ବେବର୍ତ୍ତା ରତନରାୟ ଉପବିଷ୍ଟ ପାଖରେ ପାଇକ ବାସୁ ସଞ୍ଜାଣ ଦଣ୍ଡାୟମାନ ।

ବୀର ମହାରଥୀ—(ପ୍ରବେଶ କରି) ଦଣ୍ଡବତ ।

ରାଜା—କହେ ବୀର ମହାରଥୀ ! ତୁମେ କୁଆଡ଼େ ?

ବୀର—ଆଜ୍ଞା, ମୁଁ ଆପଣଙ୍କ ଆଜ୍ଞା ଅନୁସାରେ ମୋର ପୂର୍ବ ପୁରୁଷଙ୍କ ସଞ୍ଚିତ ସବୁଗୁଡ଼ିକ କାଢ଼ି ଦେଇ ଏପର୍ଯ୍ୟନ୍ତ କଉଡ଼ିଏ ପାଇଲି ନାହିଁ ଆଜ ପଚାରୁଛନ୍ତି କୁଆଡ଼େ ।

ରାଜା—ସେସବୁ କଣ ଆମକୁ ଦେଇଥିଲ ?

ବୀର—ଆଉ !

ଜା—ମାଳପୁରରୁ ଯେଉଁ ବାଈ ଆସି ନାଚ କରୁଥିଲେ, ତାଙ୍କୁ ଦେଲ, ଆମେ କାହିଁକି ସେ କଉଡ଼ି ଦେବୁ । ଯା' ଯା' ଆଉ ଥରେ ଏକଥା କହିଲେ ଉଚିତ ଦଣ୍ଡ ଦିଆଯିବ ।

ଖ—ଆଜ୍ଞା ମୁଁ ସବ ସ୍ୱାମୀଙ୍କ ଆଜ୍ଞାରେ ଦେଇଥିଲି ।

ଜା—(କୋପେ) ଆମ୍ଭେ ଆଜ୍ଞା ଦେବୁ ନଈରେ ପଡ଼ ··ପଡ଼ିବ ? ନିଜେ ଯାହା ଦେଖିଲ, ଦେଲ—ତାକୁ ରାଜ୍ୟ ସୁଝିବେ ନା । ତମେ ଆଖିବୁଜ ସମାଜରେ ବସିଥିଲ ।

ଶାର—ତେବେ କଣ ମୁଁ ସେ କଉଡ଼ି ପାଇବ ନାହିଁ ।

ଜା—ନା, ନା ।

—ତେବେ କଣ ଫେରିଯିବ ।

ବର୍ତ୍ତୀ—ପଳାଅ ପଳାଅ । ନ ହେଲେ ।

—ନ ହେଲେ ମାରିବ ।

ବର୍ତ୍ତୀ—ହୋଇପାରେ ।

—(ସ୍ୱଗତ) ଏହାଙ୍କ ପକ୍ଷରେ କିଛି ଅସମ୍ଭବ ନୁହେଁ । ଏଠାରୁ ଯାଇ ଏହାଙ୍କର ପତନର ଉପାୟ କରିବ । (ପ୍ରସ୍ଥାନ)

—ଶାରତ ଗଲା । ନାକରୁ ତ ପାଣି ବହିଲଣି । ଆଉ କେତେ- ବେଳେ ଆସିବ ।

ବର୍ତ୍ତୀ—ମୋର ମଧ୍ୟ ସେହି ଦଶା ହେଲଣି । ଆଜ ସେ ପାଞ୍ଚ ଆସୁ । ତା' ପିଠିରୁ ଛାଲ ଉତାରିବ ।

ଣ—ଆଜ୍ଞା ଖଚୁଆ ବଡ଼ ବଦମାସ୍ ହେଲାଣି ।

—କିପରି ?

ଣ—ସେ ସ୍ୱାମୀଙ୍କ ନିତ୍ୟାନ ନିଶାପାଣିରୁ କିଛି କିଛି ପିଉଛି ।

—ଆରେ ବାୟା ସଞ୍ଜାଣ ତୁ ତ ଏଠାରେ ସବୁବେଳେ ଅଛୁ । ଏହା ଜାଣିଲୁ କିପରି ।

ସଞ୍ଜାଣ—କୁସୁନପୁର ଚୌକିଦାର ଜଣେ ବାଟରେ ଦେଖିଥିଲା ।

ରାଜା— ସତେ ତାର ଏତେ ଗାରିମା ହେଲାଣି ।

ସଞ୍ଜାଣ—ଆଜ୍ଞା ମୁଁ ମିଛ କହୁ ନାହିଁ । ତା ମୁହଁ ଶୁଙ୍ଘିଲେ ଜାଣି ପାରିବେ ।

ରାଜା—ଏହା ମୋତେ ଆଗରୁ କାହିଁକି କହୁନାହୁଁ ।

ସଞ୍ଜାଣ—ତୁମ୍ଭେ ତାଙ୍କୁ ଭଲ ପାଆନ୍ତି ବୋଲି କହିବାକୁ ସାହସ ପାଇଲି ନାହିଁ ।

ରାଜା—ଆରେ ରଜାଙ୍କର ସଂସାରରେ କି କେହି ପ୍ରିୟ ଅଛି । ବିଶେଷରେ ମୋର ।

ବେବର୍ତ୍ତା—ଶୁଣ୍ଠିଟାର କେତେ ମଗଜ । ଜଣ ଆମକୁ ତାର ଅଇଁଠା ଖୋଉଛି ।

ରାଜା—ସେ ଆସୁ ପରେ ସତ ମିଛ ବୁଝିବା ।

ବେବର୍ତ୍ତା—ତୁ ଯାଇ ବାହାରେ ରହିଲୁ—ସେ ଆସୁଛି କି ନାହିଁ ।

ସଞ୍ଜାଣ—(କାନଡେଇ) ଆଜ୍ଞା ସେ ଆସିଲାପରି ଜଣାପଡ଼ୁଛି ।

ବେବର୍ତ୍ତା—ତୁ ଗୋଟାଏ ଦୈବଜ୍ଞ ହେଲୁଣି କି ?

ସଞ୍ଜାଣ—ନା, ତାର ଗୀତ ଶୁଭୁଛି ।

ରାଜା—ଓଃ, ଖଇଁ ଆସୁଛି, ପ୍ରାଣ ପଶିଲା । ଆରେ ସେ କେତେ ବାଟରେ ହେଲାଣି ।

ସଞ୍ଜାଣ— କୁସୁନପୁର ଗହୀରରେ

ଖଇଁ—(ପ୍ରବେଶ କରି) ମଲି, ମୁଁ ଓଗରେ ଠେଙ୍କଗଲିଣି—ଏ ପଦେ ଗୀତ ଗାଇଦିଏଁ । ବାଘ, ବାଘ ଆଡ଼ କରିଥି ମୋ ରଡ଼ି ଶୁଣି ଛୁଡ଼ି ପଳେଇଯିବେ । କି ଗୀତ ଗାଇବି-ସବୁ ବାଟରେ ସଇଲିଣି, (ଭାବି) ଆରେ ଆମ ଗାଁ ମାଟିର ଅବଧାନ ପଢ଼ିଁଗୀତ ଗାଆନ୍ତି ସେଇଟା ଗାଇବି ।

( ଗୀତ )

ଦୁନିଆ ଅଡ଼େଇ ଦିନିଆ

ଆଜ ଯେ ଡରାଏ ଲୋକେ — କାଲି ସେ ଘୁଙ୍ଗିଆ । ପଦ ।
ଆଜ ଯେ ଗଳାର ମାଳା — କାଲି ସେ ପାଦର ଦଳା
ଆଜ ଯେ କୁବେର କାଲି ସେ କଙ୍ଗାଳୁନିଆ । ୧ ।

ଦେବଣ୍ଡୀ—ସେ ବଦ୍‌ମାସକୁ ଶୀଘ୍ର ଡାକ ପ୍ରାଣଗଲାରେ ।

ସଞ୍ଜାଣ—ଆରେ ଗୀତ ରଖ, ଯୁଁଚ୍ ଆ ।

ଖଡ୍ଡୁ—( ଚମକି ସ୍ୱଗତ ) ଆରେ ରଜା, ଏହି ବଗିଷ୍ଟରେ ରଙ୍ଗେ କରିଚନ୍ତି । ଡେରି ହୋଇଗଲାଣି—ଇତିମଧ୍ୟ ଦେଖିବାକୁଣି ନାଆଁ ହୋଇଯିବ—ମାବାସୁଳୀ ଏ ମୁଣ୍ଡରଖ ମା'—ଦୁଇଟା କୁଳୁଣ୍ଡି ଦେବ । (ଭାରରଖି ଦଣ୍ଡବତ)

ସଞ୍ଜାଣ—ତୁ ଏତେ ଡେରିକଲୁ କାହିଁକି ?

ଦେବଣ୍ଡୀ—ଆଉ ସେ କଥା ପରେ ବୁଝିବା । ଆଜ ଗିଲାସେ ଦେ ।

ସଞ୍ଜାଣ—(ମାଠିଆରୁ ମଦ ଗଡ଼ାଇ ରାଜାଙ୍କ ହାତରେ ପ୍ରଦାନ କରିଲା)

ରାଜା—(ପିଇ ଡକ୍‌କାର ପକେଇ) ଏତେବେଳେ ଆଉ ଶରୀର ଥିଲପରି ଲାଗିଲା—ଆରେ ଖଡ୍ଡୁ ତୁ ବାଟରେ ଆମ ମଦ ପିଇ ।

ଖଡ୍ଡୁ—ଆଜ୍ଞା ମୁଁ ପିଏନା ତୁମ୍ଭଙ୍କ ଭଲଆ ହେଇଚ ରଜା ଲୁଣେ ।

ଦେବଣ୍ଡୀ—ଆଗରୁ ମାଠିଆକୁ ଖଣ୍ଡିଆ କରୁଚ ?

ରାଜା— ସେଥିରେ ଦୋଷ ନାହିଁ ।

ଦେବଣ୍ଡୀ— କପରି ।

ରାଜା—ସେ ଯେ ଭକ୍ତରେ ରଖେ ।

ଦେବଣ୍ଡୀ—ଖଣ୍ଡିଆ କରିବା ଦୋଷ ।

ରାଜା—ଶବୁରୁଣୀ ଭୁଖି ଖଣ୍ଡିଆକରି ରାମଚନ୍ଦ୍ରଙ୍କୁ ଆମ୍ବ ଦେଇଥିଲା ସେଥିରେ ଶବୁରୁଣୀର କଣ୍ଠୁ ଦୋଷ ତ ରାମାୟଣରେ ଲେଖି

ଦେବର୍ଣ୍ଣୀ—ସେ ହେଉଛି ଫଳ—ଏ ଯେ ଜଳ ।

ରାଜା—ଫଳ ଅପେକ୍ଷା ଏହାର ମହିମା ଢେର ।

ଦେବର୍ଣ୍ଣୀ - କି ରକମ ।

ରାଜା - ବୁଝି ପାରୁନା । ଆମ୍ବଟାର ମୂଲ୍ୟ କଉଡ଼ାଏ କି ଦୁଇକଉଡ଼ା ପୁଣି ବାସି ହେଲେ ସେ ପଚାଯିବ—ଏ ଯେ ସମୁଦ୍ରରୁ ଜାତ, ଅନେକ ଦିନ ରଖିଲେ ବି କିଛି ହେବନାହିଁ ।

ଦେବର୍ଣ୍ଣୀ—ହଁ ସେ ଗୋଟାଏ କଥା—ଡେରି କରିବାଟା ଦୋଷ ।

ଖଗୁ—(ସ୍ୱଗତ) ଏହିଥର ମରେଇବା ଫିକର କଲ କରିମି କଣ ? ମା ବାସୁଳୀ ବିନା କେହି ସାହା ଭରସା ନାହିଁ ।

ରାଜା— ଆରେ ଡେରିହେଲା କାହିଁକି ?

ଖଗୁ—ଆଇଲାବେଳେ ବାଟରେ ଦଇଟା ସଫେଦା ଭୂତ ମୋତେ ଓଗାଳିଲେ ।

ରାଜା—ତୁ ଆସିଲୁ କିପରି ?

ଖଗୁ—ତୁମୁଙ୍କ ଦୋହି ଦେବାରୁ କେତେବେଳେକେ ଛାଡ଼ିଦେଲେ ।

ରାଜା—ଭୂତମାନେ ବି ମୋତେ ଡରନ୍ତି ।

ଦେବର୍ଣ୍ଣୀ - ତୁମ୍ଭେ ଏ ମିଛ କଥାରେ ବିଶ୍ୱାସ କରୁଛନ୍ତି । ଭୂତ କେଉଁଠି ସଫେଦା ଦିଶେ, ସେ ପୁଣି ବାଟ ଓଗାଳନ୍ତି । ସେ ଭୂତ ଦେଖିନାହିଁ । ଏହିକ୍ଷଣି ଦେଖିବ । ବାପୁ! ସଞ୍ଚାଣ ପାଞ୍ଜକି ଲଗାରେ ।

ସଞ୍ଚାଣ—ଯେ ଆଜ୍ଞା ( ଖଗୁକୁ ଧରି ମାରନ୍ତେ) (ଖଗୁ ବାପଲେ, ମାଆଲେ, ମଲଲେ ହେବା ) ।

ରାଜା—ଥାଉ, ଥାଉ, ଥାଉ ମାରନା । ଯା', ଆଉ କେବେ ଡେରି କରିବୁ ନାହିଁ ।

ଖଗୁ—ନାଁ ଆଜ୍ଞା (ପ୍ରସ୍ଥାନ)

କେବଳା—ସଞ୍ଜାଣ, ମୋ ଗ୍ଲାସ ଗଲାରେ—ମୋତେ ଧରନ୍ତେ (ପ୍ରସ୍ଥାନ

ରାଜା—ଆରେ ମୁଁ ବେଶୀ ଗିଲାସେ ଖାଇଥିଲି—ମୋତେ [illegible]
ଦିଗ ଅନ୍ଧାର ଦିଶିଲାଣି—ଯିବି କୁଆଡ଼େ, ଅରେ [illegible]
(ପ୍ରସ୍ଥାନ)

ସଞ୍ଜାଣ—( ସ୍ୱଗତ ) ଏ ଦୁହେଁ ତ ଅଚେତ ହୋଇ ପଡ଼ିଲେଣି; ଏ ସୁଯୋଗରେ ମୁଁ ଗିଲାସେ ଚଢ଼େଇ ଦିଏଁ । (ବସି ମଦ୍ୟପାନ) ଆରେ ବାଃ ବଡ଼ ଭଲ ଲାଗୁଛି—ଆଉ ଗିଲାସେ ପିଏଁ (ପିଇ) ବାପ ମଲରେ—ବାପ ମଲରେ (କହୁଁ କହୁଁ ଅଚେତ ହୋଇ ପତନ ) ।

[ ଷଷ୍ଠ ପ୍ରକ୍ଷେପ ]

୨ୟ ଅଙ୍କ—୧ମ ଦୃଶ୍ୟ

ଶୀଳ ପୋଖରୀ

( ସ୍ଥାନ—ସୌଦାଗରଙ୍କ ବନ୍ଧ ଦ୍ୱାର )

( ଗୁମାସ୍ତା ବେଚହରା ଓ ମକର ମାଝି ଉଭୟ ଦିଗରୁ ପ୍ରବେଶ )

[redacted]ର—ଗୁମାସ୍ତାଭାଇ ! ଦଣ୍ଡବତ ଦଣ୍ଡବତ ।

[redacted]ାସ୍ତା—ଦଣ୍ଡବତ ମକର, ସବୁ ଭଲ ତରେ, ସାଆନ୍ତଙ୍କ ଦେହ [illegible] ଭଲ ଅଛି ।

[redacted]ର—ସବୁ ଭଲ, ସାଆନ୍ତାଣୀ ଭଲ ଅଛନ୍ତି ।

[redacted]ାସ୍ତା—ସବୁ ଦିନ ପରି ତ, ସେହିପରି ଅଛନ୍ତି, କୋଇଲି [illegible]

[redacted]ର—କୋଇଲି ଧାମରା ମୁହାଣରେ ଲଙ୍ଗର [illegible] । [illegible] ଉଠିଲେ ଆସିବ । ଆଜ ଚଢ଼ଇନା ।

ଗୁମାମ୍ନା – ହଁ ।

ମକର – ଠିକ୍ ଖୁଇ ମଥା ଉପରେ ହେବାବେଳକୁ ବୋଇତ ଘୂମା ଘାଟରେ ନଙ୍ଗରିବ ।

ଗୁମାମ୍ନା – ତୁ ଆଗରୁ କାହିଁକି ଆସିଲୁ ?

ମକର – ଖବର ଦେବାକୁ ସାଆନ୍ତେ ପଠେଇ ଦେଇଚନ୍ତି ।

ଗୁମାମ୍ନା – ଆଜିକି ତିନିବର୍ଷ ହେଲା ବୋଇତ ଗଲା । ତାର କିଛି ଖବର ନ ପାଇ ଗୁଡ଼ାକ ପରି ଗୁହିଁ ଗୁହିଁ ଆମ ଆଖିରୁ ପାଣି ଶୁଖିଲାଣି । ସାଆନ୍ତାଣୀଙ୍କର ତ ଦିନେ କାନ୍ଦଣା ବନ୍ଦନାହିଁ । ଖଡ଼ି ପକାଇବାକୁ ନାହାକକୁ ଡାକି ଯାଉଥିଲି, ଠାକୁରଙ୍କ ଇଚ୍ଛାରେ ତୁ ଆସିଲୁ ।

ମକର – ସାଆନ୍ତାଣୀ ଏତେ କାନ୍ଦନ୍ତି କାହିଁକି ?

ଗୁମାମ୍ନା – ଆରେ ପିଲା ଝିଲା ଯେବେ କୋଡ଼ରେ ଥାଆନ୍ତେ ତେବେ ଗେରସ୍ତ ଯୁଆଡ଼େ ଇଚ୍ଛା ସେଆଡ଼େ ଯାଉ ସ୍ତିରିଙ୍କ ମନରେ ଦୁଃଖ ହୁଏ ନାହିଁ । ତା ତ ନାହିଁ । ଛଠେଙ୍ଗା ପରି ଏକା ରହି କିଏ ନ କାନ୍ଦିବ ।

ମକର – ଆମ ସାଆନ୍ତଙ୍କର ସବୁ ସୁଖଥାଇ ଏତିକିରେ ଦୁଃଖ । ଯାହା ହେଉ ଏତେଦିନେ ଠାକୁର ଦୟାକରି ଠାକୁରାଣୀଙ୍କ ପରି ଗୋଟିଏ ଝିଅ ଦେଇଚନ୍ତି ।

ଗୁମାମ୍ନା – ଦୂର, ପାଗଳା ଝିଅନା ପୁଅ କିଛି ତ ନାହିଁ । ଭୂତପ୍ରେତ ହୋଇ ଗୋଟାଏ ହୋଇଥିଲେ ସାଆନ୍ତାଣୀ ବାଞ୍ଜ ଦୋଷରୁ ପାଇ ପାଇ ଥାଆନ୍ତେ, ତାହା ବ କରମରେ ଘଟିନାହିଁ । ଆଉ ଝିଅ ପାଇବେ କେଉଁଠୁ ?

ମକର – ଭାଇ ମୁଁ କଣ ମିଛ କହୁଛି । କି ସୁନ୍ଦର ଝିଅ, ଝିଅଟିଏ ଯିମିତି ସୁନା କଣ୍ଢେଇ । ଗୋଟିଏ ସୁଉଳରେ ଗଢ଼ା ।

ଗୁମାସ୍ତା — ତୁ ଦେଖିଛୁ ।

ମକର — ହଁ ଆଉ ପହରକେ ପରେ ଦେଖିବ ।

ଗୁମାସ୍ତା — କିପରି ?

ମକର — ସେ ପରା ବୋଇତରେ ଆସୁଛନ୍ତି ।

ଗୁମାସ୍ତା — ବୋଇତରେ ?

ମକର — ହଁ ।

ଗୁମାସ୍ତା — (ସ୍ୱଗତ) ସାଆନ୍ତେ କଣ ବିଦେଶରେ ଆଉ ଗୋଟିଏ କରିଛନ୍ତି, ନା ସେତ ସେଭଳିଆ ଲୋକ ନୁହନ୍ତି; ସାଆନ୍ତାଣୀ ଥାଉ ଥାଉ ବାହା ହେବେ ? ଭଲକରି ବୁଝେଁ । (ପ୍ରକାଶ୍ୟେ) ଆରେ ? ସେଇ ଝିଅ ଏଇ ସାଆନ୍ତାଣୀଙ୍କଠାରୁ ଜନ୍ମ ହୋଇଚି ?

ମକର — ନା, ନା, ସେ କୁଜଙ୍ଗ ରାଜାଙ୍କ ଝିଅ ।

ଗୁମାସ୍ତା — ସେ ବୋଇତକୁ ଆସିଲେ କିମିତି ?

ମକର — ଗଲା କାର୍ତ୍ତିକ ପୂର୍ଣ୍ଣମୀଦିନ ବଡ଼ତାସ ହୋଇ ନ ଥିଲା ?

ଗୁମାସ୍ତା — ହଁ ହଁ, ସେଦିନତ ବୋଇତ ଚଳାରେ ଆମର ଚଢ଼ାବଢ଼ା ନାହିଁ, ସେଦିନ କ'ଣ ହେଲା !

ମକର — ରାଜାଙ୍କ ଝିଅ ସମୁଦ୍ରରେ ବୁଡ଼ ପକାଇ ଡଙ୍ଗା ଭସାଇବାକୁ ଜାଲିଆରେ ଯାଉଥିଲେ । ନଇ ମଝିରେ ଜାଲିଆ [illegible] ।

ଗୁମାସ୍ତା — ଏଁ, ସମସ୍ତେ ବୁଡ଼ିମଲେ ।

ମକର — ସମସ୍ତେ ମଲେ କି ବଞ୍ଚିଲେ ମୁଁ ଜାଣିନାହିଁ । ସେତେବେଳେ ଆମ କଥା ଆମକୁ ମୁସକୁଲ । କେବଳ ଏଇ ଝିଅଟିଏ ଗୋଟିଏ ବୁଡ଼ୀକ ଧରି ଭାସି ଯାଉଥିଲା । ଆମେ ଉଠେଇ ଆଣିଲୁ ।

ଗୁମାମା — ଝିଅ କେତେ ।

ମକର — ସାତ ଆଠ ବରଷର ହେବ ।

ଗୁମାମା — ପିଲାଟାର ପୁଣ୍ୟ କରିବାକୁ କାହିଁକି ଇଚ୍ଛା ହେଲା ।

ମକର — ଏଇ କଥା ଅଛି "ତୁଳସୀ ଦୁଇପତ୍ରରୁ ବାସେ, ଛତୁଆଣ ଦୁଇପତ୍ରରୁ କୁଣ୍ଡେଇ ହୁଏ ।" ଏ ଯେ ରଜାଝିଅ, କୁଳଭଲିଆ ତ ତାଙ୍କ ଏଧାତା ବୁଦ୍ଧି ହେଇଛି ।

ଗୁମାମା — ସତ, ସାଆନ୍ତେ ଦେଖି କ'ଣ କହିଲେ ।

ମକର — ସାଆନ୍ତେ ବାଆକୁଦକୁ ଠାକୁରାଣୀ ଦର୍ଶନ ପାଇଁ ଯାଇଥିଲେ; ମୁଁ ଯାଇ ଜାଣିଦେଲି ।

ଗୁମାମା — ତା'ପର ।

ମକର — ସେ ଆସି କୋଟିନିଧି ପାଇଲା ପରି ବଡ଼ ଖୁସି ହୋଇ ତାଙ୍କୁ ଝିଅ କରିଚନ୍ତି ।

ଗୁମାମା—ସେ ପିଲା ରଜାଙ୍କ ଝିଅ ବୋଲି କିଏ କହିଲା ।

ମକର—ସାଆନ୍ତଙ୍କୁ ସାନକରଜ କହିଥିଲି, ତାପରେ ଝିଅ ସାଙ୍ଗରେ ଯେଉଁ ବୁଢ଼ୀକୁ ପଠେଇଥିଲୁ ସେ ସବୁ ହାଲଚାଲ କହିଲା ।

ଗୁମାମା— ରଜାଙ୍କ ଘରେ ଖବରଦେଇ ଆସିଲ ନାହିଁ ?

ମକର—ସେ ଝିଅଙ୍କର ମା ନାହିଁ । ସାବତ ମା' ତାଙ୍କୁ ଆଖିରେ ଦେଖନ୍ତି ନାହିଁ । ରଜା ସବୁ ଶୁଣିଲେ ବି ସାନରାଣୀଙ୍କ ଡରରେ କିଛି ନକହି କାଠପରି ରହନ୍ତି । ଆଉ ସାଆନ୍ତଙ୍କର ତାଙ୍କୁ ଝିଅ କରିବାରେ ଭାରି ହରଧା ହେଲା । ଏଣୁ ନେଇ ଆସିଲୁ ।

ଗୁମାମା—ତାଙ୍କର ନାମ କଣ ?

ମକର—ତାଙ୍କ ନାଁ, 'କନକା', ସମସ୍ତେ ଜେମା ବୋଲି ଡାକନ୍ତି ।

ୁମାମା—ଆରେ ଗେଟହେଲଇ କି ଧୋବଣୀ ଜଣଇ ଏସବୁ ନାଁ
ଗୋଟାଏ ନ ଦେଇ କନକା ବୋଲି ନୂଆ ନାଁଟା କାହିଁକି
ଦେଇଚନ୍ତି ।

କର—ସେ କଥା ପଡ଼ିଥିଲା, ବୁଢ଼ୀ କହିଲା ରାଣୀଙ୍କର ପିଲା ହେଉ
ନଥିବାରୁ ସେ ପାରେଶ୍ୱର ମହାଦେବଙ୍କ କଣ୍ଠରେ ଧାରଣା
ଦେଇଥିଲେ ।

ୁମାମା—ତେବେ ମହାଦେବଙ୍କ ଦୟାରୁ ଏହି ଝିଅଟି ଜନମିଚନ୍ତି ।

କର—ହଁ ।

ୁମାମା—ତା'ହେଲେ ପାର ବୋଲି ନାଁ ଦେଇଥିଲେ ଭଲ ହୋଇ
ଥାନ୍ତା ।

କର—କଥା ନ ସରୁଣୁ ପଣ୍ଡିତପଣିଆ ଦେଖେଉଚୁ ।

ୁମାମା—ହଉ କ'ଣ କହ ।

କର—ଠାକୁର ସପନରେ କଣିକାଏ ବେଲପତ୍ର ରାଣୀଙ୍କୁ ଦେଲେ,
ତାହା ଖାଇବାରୁ ଏ ଜନମ ହେଲେ । ଏଇଥିପାଇଁ ନାଁ ହେଲା
'କନକା' ।

ମାମା—ଏତେ ସନ୍ଧି ମୁଁ କମିତି ଜାଣିମି । ଯାହାହେଉ ଭଲ କଥା
କଥା, ଯା' ଯା', ସାଆନ୍ତାଣୀଙ୍କୁ ଏ ଖୁସି ଖବର ଦେଇ
ବଧେଇ ନିଏ । ମୁଁ ଯାଉଛି, ଗାଁରେ କହିବି ସମସ୍ତେ
ବଧେଇବାକୁ ଆସିବେ ।

## ୨ୟ ଅଙ୍କ—୨ୟ ଦୃଶ୍ୟ

(ସ୍ଥାନ-ମନ୍ତ୍ରପଡ଼ା)

( ବୀର ମହାରଥୀ, ଭୃଗୁବଳବନ୍ତରାୟ, ସପନ ପଶ୍ଚିମକବାଟ, ମାନସାମନ୍ତରାୟ, ଅଭି ଉତ୍ତରାୟ, ବେଣୁ ମଙ୍ଗରାଜ ଏବଂ ଛଅ ଜଣ ବଡ଼ ସାନ ଉପବିଷ୍ଟ )

ବୀର—ଭାଇମାନେ, ରଜାଟାର ଧନଲୁଣ୍ଠନ ଅନ୍ୟାୟ କଲା, ତୁମ୍ଭେମାନେତ ଦେଖି ଶୁଣି କେହି କଛି କହିଲ ନାହିଁ। ହବ କ'ଣ, ଆଜ ମୋ ସାଙ୍ଗରେ ଯାହା ହେବାର ହୋଇ ଯାଇଛି।

ଭୃଗୁ—ପ୍ରକୃତ କଥା, ସେ ଚାର ନିଶା ଖାଇଲା କି ବେଶ୍ୟା ରଖିଲା ସେଥିରେ ଆମର ଯାଏ ଆସେ କ'ଣ, ଏବଂ ଯେଉଁ ଅନ୍ୟାୟଟା କରୁଚ ସେଇଟା ବଡ଼ ଅସହ୍ୟ।

ସପନ—ଫିଟାଇ କହୁନା କାହିଁକି।

ମାନ—ସବୁତ ଦେଖୁଛ, ଶୁଣୁଛ, ଆଉ ଫିଟେଇ କହିବେ କ'ଣ।

ଅଭି—ଆହେ ! ସପନ ପଶ୍ଚିମ କବାଟଙ୍କ କଥାରେ ରାଗୁଛ କାହିଁକି ? ଆମେତ ଜାଣୁଛୁ ରଜାର ସବୁଆଡ଼େ ଅନ୍ୟାୟ, ତେବେ ଭୃଗୁବଳବନ୍ତରା ଯେଉଁଟାକୁ ଭାରି ଅନ୍ୟାୟ କହୁଛନ୍ତି, ସେଇଟା କଣ ? ଦେଖ ରାଣୀ ସାହା ହୋଇ ନ ଥିଲେ ମୋ ପୁଅଟାକୁ ଆଜ ମାରି ପକାଇ ଥାଆନ୍ତେ।

ବେଣୁ—ଆଚ୍ଛା ଉତ୍ତରାୟ ଭାଇ, ତୁମେ ରଜାର କି କି ଅନ୍ୟାୟ ଭଲ ଦେଖୁଛ, ଆମୂଳ-ଚୂଳ କହି ପାରିବ କି ?

ସପନ—ମୁଁ କହୁଛି ଶୁଣ।

ଅଭ—ନା ନା, ତୁମେ ବେଣୁ ମଙ୍ଗରାଜଙ୍କୁ ବୁଝେଇ ପାରିବ ନାହିଁ । ମୁଁ କହୁଛି ।

ବେଣୁ—ହଉ ଯେ କହୁଛ କହ ।

ଅଭ—(ରେଖା ଧରି) ନଣାଖାଇବା, ବେଶ୍ୟାରଖିବା, ପ୍ରଜାଙ୍କ ଭିତରେ କେହି ମୁଠାଏ ଭଲ ଖାଇଲେ ବା ପିନ୍ଧିଲେ ତାଙ୍କ ଘର ଲୋଟିବା, ରାଜ୍ୟର ଭଲ ମନ୍ଦ ନ ବୁଝିବା, ସାମାନ୍ୟ ଅପରାଧରେ ଗୁରୁତର ଶାସ୍ତି ଦେବା, କାହାର କୌଣସି ଭଲ ମନ୍ଦ ଜିନଷ ଥିବାର ଜାଣିଲେ ଛଡ଼େଇ ନେବା, ତାଙ୍କ ନାଚପାଇଁ ମାଗଣ କରିବା ଏବଂ କାହାର ସୁନ୍ଦରୀ—

ବୀର—ଏଁ ଏଁ ଉତ୍ତରାପୁଙ୍କ ଜଭ ଲୋଉଟିଲ ନାହିଁ କାହିଁକି ?

ଅଭ—ମହାରଥୀ ଭାଇ, ସେକଣ ଜଭ ଲେଉଟିବା କଥା ।

ବୀର—ମୁଁ ଆଜ କେଉଁ କଥାକୁ ଧରି ବସିଛି କି ।

ଅଭ—ଏହା ପ୍ରକୃତରେ ଗୁରୁତର ଅନ୍ୟାୟ, ମନୁଷ୍ୟ ହୋଇ ରକ୍ତ ମାଂସ ଦେହରେ ଏହା ସହିବା କଠିନ । ଏହା ଦେଖିଲେ ମଲା ଲୋକ ସୁଦ୍ଧା ରାଗି ଉଠିବ ।

ବୀର—ସେଦିନ ସେଇଁ ସାମଲର ଭେଣ୍ଡା ପୁଅଟା ଫାଶି ଲଗାଇ ମରିବାର କାରଣ ଜାଣିଛ ?

ଅଭ—ନାହିଁ ତ ।

ବୀର—ତାର ବନ୍ଧାପନା ଦିନ ଧରାଯାଇ ସବୁ ଠିକ୍ ଠାକ୍ ଜାଣିଲ ଯେ ତାର ସ୍ତ୍ରୀଟା ସୁନ୍ଦରୀ । ସବୁଜଣ ପୁଣ ପଠେଇ ଦେଲ । ସେମାନେ ଆସି ତୁଭ ଦିନ ଆଉ ରାତି ନେଇ ଗଲେ । ସେ ଖବର ଶୁଣି ଲାଜରେ ବେକରେ ଫାଶ ଲଗେଇ ଦେଲା ।

ଅଭ—ଏତ ବଡ଼ ଦୁଃଖର କଥା । ଅଚ୍ଛା ଯେ ରଜା ଘରେ ନ ରହି ପଳେଇ ଆସିବ ବା ରାଜି ନ ହେବ, ସେ ସ୍ତ୍ରୀକୁ କ'ଣ କରିବ ?

ମାନ—ଏପରି କିଏ ହେବ, କାହାର ପ୍ରାଣକୁ ଭୟ ନାହିଁ । ଯେ ସେପରି ହେବ ସଙ୍ଗେ ସଙ୍ଗେ ତା'ର ନାକ କାନ କାଟି ବେସର ଲଗେଇ ଦେବ ।

ଅଭ—ଏ ସବୁ ବଡ଼ ଭୟାନକ ବିଷୟ । ଏହା ଶୁଣି ମୋ ମନରେ ଏଭଳି ରାଗ ହେଉଛି ଯେ ବା' ଧରି ରଜାର ବେକକୁ ବେଢ଼ି ଆ ପରି ଚର ଚର କାଟି ପକାନ୍ତି ।

ଆର—ତୁମେତ ଦେଶ ଶେଷର ବଡ଼ ସାନ । ଏ ସବୁ ଜାଣିବ କେଉଁଠୁ ? ଆମ ଦେହ ପଥର ହେଲଣି, ଏଇଥିପାଇଁ ମୁଁ କହୁଛି ଶୀଘ୍ର ପ୍ରତିକାର ନ କଲେ କାଲି ତାହାର ଆଜି ଏହାର ଆଉ ଦିନେ ବି ଆମ୍ଭମାନଙ୍କର ଇଜ୍ଜତ ଯାଇପାରେ ।

ସପନ—ଭାଇ, ଏକା ରାଜା କାହିଁକି ? ପ୍ରଜାଙ୍କ ମଧ୍ୟରୁ ବି ଅନେକ ଦୁରାଚାରୀ ହୋଇପଡ଼ିଲେଣି ।

ବେଣୁ—ସେତ ହବାର କଥା, ପାଠ କହୁଛି 'ଯଥା ରଜା ତଥା ପ୍ରଜା' ଆହୁରି ପ୍ରବଚନ ଅଛି 'ବଡ଼ ନାଆ ଯେଉଁ ବାଟରେ ଯାଏ ସାନ ନାଆ ସେହି ବାଟରେ ଯାଏ ।'

ଆର—ଶାସ୍ତ୍ର କହୁଛି, କୁଳାଗ୍ରର ଓ ଦେଶାଗ୍ରରେ ଅତି ଶୁଦ୍ଧ ପ୍ରତାପୀ ପ୍ରଜା ପାଳନରେ ଯେ ଦକ୍ଷ ସେ ହେଉଛି ରାଜା । ଏ ସବୁ ରାଜଲକ୍ଷଣ ଭିତରୁ ଏହାର କେଉଁଟି ଥିବାର ଦେଖୁଛ ? ନାଁ ଶୁଣିବା ବେଳକୁ ଛ ମୁକାର ରାଜା, ଦେଖିବା ବେଳକୁ ଗୋଟାଏ ଢୁଙ୍କା, ଏ ଢୁଙ୍କା ଭୁଜାରେ ଦେଶକୁ ପାପପଙ୍କରେ ବୁଡ଼ାଇବା ଉଚିତ କି ?

ଗୁ—ସତ୍ୟ କଥା, ଆମ ଛ ଜଣଙ୍କ ଲାଗି ଦେଶ, କଥାରେ
ଅଛି—"ଦାଣ୍ଡ ଅରଜ ଅରଜ ମରେ—ବଣିଆ ପୁଳାରେ
ଉଡ଼େଇ ନିଏ ।" ସେହିଭଳି ଆମ୍ଭେମାନେ ଖଟିବଣ୍ଟି
ଚପି ଚେରଙ୍ଗି ଦେଇ ମାଡ଼ ମାର କରଉ ଆଦାୟ କରୁଛୁ,
ରଜା ମଦ ପ୍ରଭୃତିରେ ଉଡ଼େଇବେ, ଆମ୍ଭେମାନେ ଥାଉଁ ପାରି
ଯେବେ ଏ ପ୍ରକାର ହେବ ତେବେ ପାପର ଭାଗୀ କିଏ ?

[redacted]ର—ଆହେ ରାଜାର ଗୁଣ ହେଉଛି ସୂର୍ଯ୍ୟ ପରି କେବେ ପ୍ରଖର
ହେବ କେବେ ମୃଦୁ ହେବ । ଆଉ କେବେ ସମଶୀତଳ
ହେବ । ଏ ନିଶାରେ ସର୍ବଦା ଢାଳିଲ ପରି ରହୁଛି । ମଦ
ଗଞ୍ଜେଇ ସଙ୍ଗୀଙ୍କ ବିନା ପଦେ ଅଣ୍ଡା କଥା ଅନ୍ୟ ଲୋକ
ଶୁଣିବା ଦୁଷ୍କର ।

[redacted]ଦନ—ଅଣ୍ଡା କଥା ନ କହିଲ ନାହିଁ, ଦୟା ନା ଧର୍ମ, ନା ମାୟା
ନା ମମତା, ଆଦର କି ଗୌରବ କିଛି ତ ତାଁର ନାହିଁ,
ଦେଖାକଲ ମାତ୍ରେ ପଚାରିବ, କେତେ ଆଣିଛ ?

[redacted]ଭ—ଭାଇ, ରାଜା କଥା କିଏ ପଚାରେ, ଯେଉଁ ଉଚଦା ...
କେତେଟା ପାଖ ଲୋକ ଅଛନ୍ତି ତାଙ୍କ କଥାତ ଖୁରର ଧାର ।

[redacted]ନ—ଯେପରି ଖରାରେ ତାତି ଥିବା ବାଲି ଖରାଠାରୁ ଅଧିକ
ହୁଏ ସେହିପରି ସାଆନ୍ତଙ୍କ ଅପେକ୍ଷା ତାଙ୍କ ସେବକଙ୍କ ତେଜ
ବେଶୀ, ଏହା ଜାଣିନାହଁ ।

[redacted]ର—ଭାଇମାନେ ! ଦେଖିଛ ସବୁ ଦୋଷ ଆମର ।
ଦନ—କିପରି ?
ର—ପୃଥିବୀ ପାଳିବା ଲାଗି ବିଧାତା ଯେବେ ରାଜା ସୃଷ୍ଟି ...
କରନ୍ତି । ଆମେ ମନ ଇଚ୍ଛାରେ ଯାହାକୁ ତାହାକୁ ...
ଗାଦିରେ ବସେଇ ଦେଲେ ସେ ଭକ୍ଷକ ...ରେ ...

ହେବ କାହିଁକି । କୁକ୍କୁରକୁ ସିଂହାସନରେ ବସେଇଲେ ସେ କି ଯୋତା ଲେହିବା ସ୍ୱଭାବ ଛାଡ଼ିବ ।

ଅଭ—ଆମ୍ଭେମାନେ କ'ଣ ତାକୁ ରଜା କରିଥାଇଁ ।

ବୀର—ଆମ୍ଭେ ନ କଲେ ଆମ୍ଭର ପୂର୍ବପୁରୁଷମାନେ କରିଛନ୍ତି, ବର୍ତ୍ତମାନ ସେ ଯେଉଁ ଅନାଚାର ଅତ୍ୟାଚାର କରୁଛି ତହିଁରେ ଆମ୍ଭେ ସମସ୍ତେ ଅପରାଧୀ ।

ମାନ—ଏ ବିଷୟରେ ପୂର୍ବପୁରୁଷଙ୍କୁ ଦୋଷ ଦେବା ଉଚିତ ନୁହେଁ, ସେମାନେ କ୍ଷତ୍ରିୟ ଜାତି ପାଇଥିଲେ ଏହି ମାଟକୁ ରଜା ବୋଲି କଦାପି ମାନି ନ ଥାନ୍ତେ ।

ବେଣୁ—ହଁ, ହଁ, ମଙ୍ଗୁଆଳ ନ ଥିଲେ ବୋଇତ ପରି, ରାଜା ନ ଥିଲେ ରାଜ୍ୟ ନଷ୍ଟ ହୁଏ । ଏହି ଭୟରେ ପୂର୍ବପୁରୁଷଗଣ ଯାହିତାହି ଗୋଟାଏ ଥାପି ଯାଇଛନ୍ତି ? ବର୍ତ୍ତମାନ ଜଣେ ଯେବେ କ୍ଷତ୍ରିୟ ମିଳନ୍ତା ତେବେ କ'ଣ ହୁଅନ୍ତା ଦେଖନ୍ତୁ ।

ଅଭ—ଭାଇ, ତା'ର ଜାଗିରିଖିଆ ପାଞ୍ଚଶ ପୂଆଳ ଅଛନ୍ତି ଏହା ଭୁଲିଗଲ କି ।

ବୀର – ସେ କଥା ସମସ୍ତେ ଜାଣନ୍ତି, ଦେଶକୁ ମଚେଇ ମେଳ କରି ଦେଲେ ପୁଆଳ ଫୁଆଳ ରହିବେ ।

ଅଭ – ସହସା କୌଣସି କାମରେ ହାତ ଦେବା ଭଲ ନୁହେଁ । ଏ ବିଷୟରେ ଅନେକଗୁଡ଼ିଏ ଅର୍ଥ ଦରକାର । ସୌଦାଗର ଗ ରଜାଙ୍କର ଅଧୀନ, କଉଡ଼ି ଦେବ କିଏ ।

ବେଣୁ – ଠିକ୍ କଥା, ଆଗ ବୀରଭାଇ ଯାଇ ସୌଦାଗରଙ୍କଠାରୁ ମତ ଆଣନ୍ତୁ, ତାହା ପରେ ଯାହା କର୍ତ୍ତବ୍ୟ ତାହା କରିବା । ଚାଲ ଭିତରେ ଭିତରେ ଏ କଥାର ସୂତ୍ରପାତ କର ।

(ସମସ୍ତଙ୍କର ପ୍ରସ୍ଥାନ

( ୨ୟ ଅଙ୍କ – ୩ୟ ଦୃଶ୍ୟ )

ସ୍ଥାନ-ଘୁମାଘାଟ । ( ବୋଇତ ପ୍ରବେଶ-ସୌଦାଗର ଓ କନକା ସହ)

ନେପଥ୍ୟେ – ଆରଆ ଆରଆ ।

(ପୁଷ୍ପ ଦୁର୍ବାକ୍ଷତ ଦୀପଥାଳୀ ହସ୍ତେ ସ୍ତ୍ରୀଗଣଙ୍କର ପ୍ରବେଶ)

ଗାନ

କୁଳବଧୂ କୁଳ ଆଜି ମଙ୍ଗଳ ଗାନେ ।
ଢାଳ ଗୋ ଅସୁଧା ସୁଧା ବସୁଧା କାନେ । ଘଡ
ମଧୁର ରମଣୀ କଣ୍ଠ-ଶ୍ରବଣରେ କଳକଣ୍ଠ
ଆଦର ନ କରୁ ନିଜ ପଞ୍ଚମତାନେ । ୧ ।
ମଙ୍ଗଳ ସଙ୍ଗୀତନାଦ ସଙ୍ଗରେ ନ କରିବାଦ
ମୁନିବ୍ରତ ବନ୍ଧୁ ଝିଣା ନିରଭିମାନେ । ୨ ।
ଦେଖ ଗୋ ବୋଇତେ ବସି ଆସିଛନ୍ତି ଉରବଶୀ
ମନ୍ତ୍ରୀ ଅଙ୍କରଙ୍କ ତାଙ୍କ ଶ୍ରୀଉପମାନେ । ୩ ।
ଢାଅ ମିଳି ହୁଳହୁଳି ଆକାଶ ପଡୁ ଉଛୁଳି
ବଧାଅ କୁସୁମ ଦୂର୍ବା ଅକ୍ଷତ ଦାନେ । ୪ ।
ଜଗଦୀଶଙ୍କ ଆଶିଷ ବଳେ ଏଦେଶ ଅନିଶ
ଆରୋହଣ କରୁ ଉଚ୍ଚତମ ସୋପାନେ । ୫ ।

( ସୌଦାଗରଙ୍କ ସ୍ତ୍ରୀ ବନା ) ନାଚି ନାଚି ପ୍ରସ୍ଥାନ

ସୌଦାଗର – ( ନିଜ ପତ୍ନୀକୁ ଲକ୍ଷ୍ୟ ) ପ୍ରିୟେ ! ଦୟାମୟ ହରି ଦୟାକରି ଏକ କନ୍ୟା ରତ୍ନଟି ଦେଇଛନ୍ତି । ଏହାର ଖାଲି ସମ୍ବାଦତ ମକରଠାରୁ ଶୁଣିଥିବ ।

ରମା – ପ୍ରିୟତମ ! ଶୁଣିଲାବେଳରୁ ଘରେଥିଲେ ସୁଦ୍ଧା ମୋର ମନ-ପ୍ରାଣ ନାଇ କୂଳରେ । ( ଜେମାକୁ ଚାହିଁ) ଆହା କି ଲାବଣ୍ୟ ମୂର୍ତ୍ତି, କି ସୁନ୍ଦର ଚାନ୍ଦ ମୁଖଟି, ଆ' ମା'କୋଳକୁ ଆ' ଅଭାଗିନୀର ଶୂନ୍ୟ କୋଳକୁ ଧନ୍ୟକର ମା' ।

[ କାଖେଇ ଓହ୍ଲାଇ ଆଣିବା ]

ସୌଦାଗର – ମା କନକା ଏ ତୁମର ମା, ଏହାଙ୍କ ସାଙ୍ଗରେ ଘରକୁ ଯାଅ, ବୋଇତ ଖଟାଇବାର ବନ୍ଦୋବସ୍ତ କର ମୁଁ ଯାଉଛି ।

ରମା – ପ୍ରିୟତମ ! ତୁମେ ଅନୁକୂଳ କରି ଗଲାବେଳେ ମୋର ବାଁ ଆଖି ଫରକିଲା । ମୁଁ ମନେ କଲି ବିଦେଶରେ କିଛି ବିପଦ ପଡ଼ିବ ନାହିଁ । ଏଭଳି ଲାବଣ୍ୟନିଧି ମିଳିବ ବୋଲି ସପନରେ ସୁଦ୍ଧା ଭାବି ନ ଥିଲି ।

ସୌଦାଗର – ପ୍ରିୟେ ! ଈଶ୍ୱରଙ୍କ କାର୍ଯ୍ୟ ଅଚିନ୍ତନୀୟ, ଯେବେ ଲୋକେ ସବୁ ଜାଣିପାରୁ ଥାଆନ୍ତେ, ତେବେ କାମ କ୍ରୋଧର ବଶୀଭୂତ ହୋଇ ଅନ୍ୟର ସର୍ବନାଶ କରନ୍ତେ କି ? ଯାଅ, ତୁମେ ଜେମାକୁ ନେଇଯାଅ ।

ରମା – ଆ, ମା, (ହାତଧରି ପ୍ରସ୍ଥାନ )

ସୌଦାଗର – ( ନେପଥ୍ୟକୁ ଚାହିଁ ) ଧନିଆ ଧନିଆ ।

ମକର—(ପ୍ରବେଶ କରି) ଆଜ୍ଞା, କାହିଁକି ଡାକୁଚନ୍ତି ।

ସୌଦାଗର—ମକର, ତୁ କ'ଣ କରୁଛୁ ?

ମକର—ମଧୁବନ ଘାଟରେ ଯେଉଁସବୁ ଜନିଷପତ୍ର ଖଲାସ ହୋଇ ଥିଲା ସେସବୁ ଉଆସକୁ ପଠେଇ ବୋଇତ ନଦୀକୁ ଆସୁଥିଲି ।

ସୌଦାଗର—ଆଗ କୁ ପୁରୋହିତ କରୁଣି ପାଣିକୁ ଡାକନ୍ତୁ । ତା' ପରେ ବୋଇତ ନେଇ ଯିବୁ ।

ମକର—ଆଜ୍ଞା, ଅନେକ ଦିନ ଦେଶରେ ନ ରହିବାରୁ ତାଙ୍କ ଗାଁ ନାଁ ମନେ ନାହିଁ ।

ସୌଦାଗର—ଆରେ, ତ୍ରୈଲୋକ୍ୟପୁର ।

ମକର—ଯେ ଆଜ୍ଞା, (ପ୍ରସ୍ଥାନ)

ସୌଦାଗର—(ସ୍ୱଗତ) ବାଳକାଟି ଯେ ପ୍ରକାର ସୁନ୍ଦର ତାକୁ ସେହି ରୂପ ଗୁଣବନ୍ତ କରି ସୁପାତ୍ରରେ ଅର୍ପଣ କରିବା ହିଁ ମୋର ପ୍ରଧାନ କର୍ତ୍ତବ୍ୟ । ତାହାହେଲେ ହାତୀ ଦାନ୍ତରେ ସୁନା ଖୁଣିଲା ପରି ହେବ । ତାର ଶିକ୍ଷା ଭାର କାହା ହାତରେ ଦେବି । ପୁରୋହିତଙ୍କୁ ଡକେଇ ପଠେଇଲି ସିନା, କିନ୍ତୁ ସେ ତ ବିଦ୍ୟାଶୂନ୍ୟ ଭଟ୍ଟାଚାର୍ଯ୍ୟ । କହିଲେ ସଙ୍ଗେ ସଙ୍ଗେ ହଁ ଭରିବେ । ତାଙ୍କ ଦ୍ୱାରା କାର୍ଯ୍ୟ ଚଳିଲାପରି ଦେଖାଯାଉ ନାହିଁ । ଯେତେବେଳେ ଏଠାରେ ଆଉ କେହି ନାହାନ୍ତି, ସେତେବେଳେ ଉପାୟ କଣ । ଯାହାହେଉ ଦେବତା ନ ଥିବା ସ୍ଥାନରେ ଶୀଳପୁଆର ପୂଜା କରିବା ନ୍ୟାୟ, ତାକୁ ରଖାଯାଉ । ପରେ ଭଲ ଶିକ୍ଷକ ଅନ୍ୱେଷଣ କରିବି ।

ମକର—(ସହସା ପ୍ରବେଶ କରି) ଆଜ୍ଞା, ହେଇ ପୁରୋହିତ ଆସୁଚନ୍ତି । ମୁଁ ଏବେ ବୋଇତ ନେଇ ଯାଉଛି ।

(ବୋଇତ ଟାଣିନେବା)

ନେପଥ୍ୟେ—ହୁଡାର ହୁଡାର ।

କରୁଣି—(ପ୍ରବେଶ କରିବା)

ସୌଦାଗର—ପ୍ରଣାମ ।

କରୁଣି—କଲ୍ୟାଣ ହେଉ ।

ସୌଦାଗର—ଆପଣଙ୍କ ନିକଟକୁ ମଣିଷ ପଠେଇଥିଲି, ଦେଖିଲୁ ଆପଣ ଆସିଗଲେ ।

କରୁଣି—ମୁଁ ତ ମାସେ ହେଲା ତୁମ ଆସିବା ଖବର ନିତି ନିତି ବୁଝୁଛି । ଆଜ ଆସିବା ବାର୍ତ୍ତା ଯିମିତି ଶୁଣିଛି ସିମିତି ଦଉଡ଼ିଛି ।

ସୌଦାଗର—ଆପଣଙ୍କର ମୋ ଠାରେ କି ବିଶେଷ କାର୍ଯ୍ୟ ଅଛି ?

କରୁଣି—ତାହା ନ ଥିଲେ ଖୋଜିବା କି ଦରକାର ।

ସୌଦାଗର—କି କାର୍ଯ୍ୟ କହନ୍ତୁ ।

କରୁଣି—ଆରେ ହୋ, ଦୁଇଟା ଲୋକ ତୁମକୁ ଦେଖା କରିବାକୁ ମାସେ ହେଲା ମୋ ଦୁଆରେ ବସି ଅଛନ୍ତି । ସେ ପୁଣି ଏପରି ସ୍ୱର୍ଗଛିଣ୍ଡା ଜାତି ଯେ ଆମ ଘରୁ ଖାଇ ନାହାନ୍ତି । ଆମ ଗାଁରେ ତ କାହାରି ଦୁଇଟା ହୋଇ ଘର ନାହିଁ । ଅଗତ୍ୟା ତାଙ୍କୁ ତରଘଦା ମଧୁ ପ୍ରଧାନ ମେଲାରେ ରଖେଇ ପୋଷୁଛି ।

ସୌଦାଗର – ସେ ଦୁହେଁ କି ଜାତି ? ବ୍ରାହ୍ମଣ ଘରେ ତ ସବୁଜାତି ଖାଆନ୍ତି, ତାଙ୍କ ଘର କେଉଁଠି ?

କରୁଣି—କ'ଣ ତାଙ୍କ ଗାଁ । ନା କହୁଥିଲେ ମରଭଞ୍ଜ କି ଫରଭଞ୍ଜ ମୁଁ ଭୁଲି ଗଲିଣି । ତା ଭିତରୁ ବୁଢ଼ାଟି ବ୍ରାହ୍ମଣ, ଅନ୍ୟଟି ବାର ଚଉଦବର୍ଷର କ୍ଷତ୍ରିୟ ପିଲା ।

ସୌଦାଗର—ତାଙ୍କର ଆପଣଙ୍କ ଘରେ ନ ଖାଇବାର କାରଣ ?

କରୁଣି—ବୁଢ଼ା କହିଲା – ମୁଁ ମୁମାଉଁ, ପିଲା କହିଲା ମୁଁ ବଲୁତ କରିଛି ବାବୁ, ସଂସାରରେ କେତେ ରକମର ଲୋକ ଅଛନ୍ତି, ଆମେ ବୁଝୁବା କ'ଣ ।

ସୌଦାଗର—(ସ୍ୱଗତ) ବୋଧହୁଏ, ପରମ ପିତା ପରମେଶ୍ୱର କନକାର ଗୁରୁଙ୍କୁ ଆଗରୁ ପଠେଇ ଦେଇଛନ୍ତି । ଜଗ୍ଧାମୟ ମଧୁସୂଦନ, ତୁମ ମହିମା ବୁଝିବାରେ କାହାର ଶକ୍ତି ନାହିଁ, (ପ୍ରକାଶ୍ୟେ) ମହାଶୟ, ସେ ଦୁହେଁ ତ ମୋର ଦେଖା କରିବାକୁ ଆସିଛନ୍ତି, ଯାହା ତାଙ୍କ ପାଇଁ ଖର୍ଚ୍ଚ କରିଅଛନ୍ତି, ତାହା ଆମ୍ଭ ଘରୁ ନଅନ୍ତୁ । ସନ୍ଧ୍ୟାବେଳେ ତାଙ୍କୁ ଏଠାକୁ ଘେନ ଆସିବେ ।

କରୁଣି—ଏହା କହିବାର ଅଛି । ତାଙ୍କୁ ଏଠାରେ ପହଞ୍ଚେଇ ଦେଲେ ମୋର ରକ୍ଷା, ଯାଉଛି । (ପ୍ରସ୍ଥାନ)

ସୌଦାଗର—ମୁଁ ଯାଇ ତାଙ୍କ ରହିବାର ସ୍ଥାନ ଠିକ୍ କରେ । (ପ୍ରସ୍ଥାନ)

## ୨ୟ ଅଙ୍କ—୪ର୍ଥ ଦୃଶ୍ୟ

ସ୍ଥାନ—ତରପଦା ଗ୍ରାମାନ୍ତ, ଭୂଜବଳ ଭଞ୍ଜ ଓ ରାଜଗୁରୁଙ୍କର ପ୍ରବେଶ) ।

ଭୂଜବଳ—ଗୁରୁଦେବ, ଏ ସ୍ଥାନଟି ଅତି ରମଣୀୟ, ତଳ ପ୍ରଦେଶ ଏହାର ଶ୍ୟାମ-ଦୁର୍ବାଦଳେ ଦିଶେ ଯଥା ମରକତମଣି ଖଚିତ ଏହା କି ବିହାର ସ୍ଥଳୀ ନରପତିଙ୍କର ?

ରାଜଗୁରୁ—ବିହାର ଭୂମି ନୁହେଁ ଏ, ବିଜୟାଦଶମୀ ଦିବସେ ଏ ସ୍ଥାନେ ରାଜା କରନ୍ତି ବିଜୟ—ତେଣୁ ତରପଦା ଏହାକୁ ବୋଲନ୍ତି ସମସ୍ତେ—ବୁଝିଛି ମୁଁ ଏ ବୃତ୍ତାନ୍ତ ଗ୍ରାମ୍ୟଜନ ମୁଖୁଁ ।

ଭୂଜବଳ—ତରପଦା ବୋଲି ନ କହି ଏହାକୁ—କି ଦେଇଛନ୍ତି ଏ ପ୍ରକାର ନାମ ?

ରାଜଗୁରୁ—ନିଜ ଜାତୀୟବୃନ୍ଦଙ୍କ ସମ୍ମତ ନୃପତି ବିଜୟ—କରୁଥିବାରୁ
ଏହି ରୂପନାମ ।

ଭୁଜବଳ – ପୂଜ୍ୟପାଦ । ଏ କଥାରେ ଜନମେ ସନ୍ଦେହ—ଯେଉଁ
ସ୍ଥାନକୁ ସ୍ୱଜାତି ସମ୍ମତ ଭୂପତି—କରନ୍ତି ବିଜୟ ଯାହା ତଦନ୍ତର
ଜନ—ତେଲଆପଦା କି ନାମ ହୁଅଇ ତାହାର ।

ରାଜଗୁରୁ – ନା ନା ବୀରବର ! ଏହା ନୁହେଁ ସତ୍ୟ ରାଜ୍ୟ—
ଜାତିରେ ଏ ଦେଶ ରାଜା ତେଲଥିବା ହେତୁ—ହୋଇଅଛି
ଏହି ନାମଧେୟ ।

ଭୁଜବଳ—(ବିସ୍ମୟେ) କ୍ଷତ୍ରିୟ ବିନା ନୃପତି ହୁଏ ଅନ୍ୟଜାତି—ଶୁଣି
ନାହିଁ ଶାସ୍ତ୍ରେ ମଧ୍ୟ ନାହିଁ ଏହି ପ୍ରଥା—ଏ କାରଣେ ପଶୁତୁଲ୍ୟ
ଏ ରାଜ୍ୟର ପ୍ରଜା—ବିବିଧ ଅଭଦ୍ର କାର୍ଯ୍ୟ କରନ୍ତି ନିର୍ବାଧେ ।
ଗୁରୁଦେବ ! ମ୍ଳେଚ୍ଛ ଦେଶେ ରହିଛ କାହିଁକି ?

ରାଜଗୁରୁ—ହୁଅନାହିଁ ବୀରବର ବିମନା । ଏ ସ୍ଥାନେ—ମ୍ଳେଚ୍ଛ ରାଜା
ଜାଣି ସୁଦ୍ଧା ଆଣିଛୁ ତୁମ୍ଭଙ୍କୁ—ଘୃଣା ହେବ ବୋଲି କହିନାହିଁ
ମୁଁ ଏକଥା—ପ୍ରସଙ୍ଗବଶରୁ ଆଜି କରିଲି ପ୍ରକାଶ ।

ଭୁଜବଳ—ଅଶ୍ରୁତ ପୂର୍ବବଚନ ଶୁଣି ଗୁରୁଦେବ—କଷ୍ଟିତ ମାନ
ହୃଦୟ ସ୍ଥିରତା ନ ଲଭେ – କୁଦେଶ ବାସ କୁସଙ୍ଗ ପୁଣି
କୁଭୋଜନ – ଏହି ସକଳ ହିଁ କୁଳକ୍ଷୟର ନିଦାନ—ଆପଣତ
କହିଛନ୍ତି ଏହା ବହୁବାର – ଆଜି ସେହିକଥା ପୁଣି ଭୁଲଇ
କିପରି ?

ରାଜଗୁରୁ – ମିଥ୍ୟା ନୁହେଁ ତାହା ବତ୍ସ କେବଳ ତୁମର – ଶୁଭ
କଲ୍ୟାଣ ଉଦ୍ଦେଶ୍ୟ ନାହିଁ ମୋର ଘୃଣା—ସହି ମଣିମୁକ୍ତାସଙ୍ଗ
ବଜ୍ରଭେଦ ବ୍ୟଥା;—ବିରାଜନ୍ତି ମୃଗୀଦୃଷ୍ଟି ମୃଦୁ କଣ୍ଠଦେଶେ ।

ଭୁଜବଳ—ଏ କି କଥା ଗୁରୁଦେବ ବୋଲୁଛ ସମ୍ପ୍ରତି—ମ୍ଳେଚ୍ଛ ଦେଶରେ ରହିଲେ ହୋଇବ କଲ୍ୟାଣ—ପାପୀଙ୍କର ସହବାସେ ଜାତ ହେବ ପାପ । ସେ କାରଣେ ଉପୁଜିବ ନରକ ଯନ୍ତ୍ରଣା—ମହୋଦୟ ! ଦୂରେତ୍ୟାଗ କରନ୍ତୁ ଦୁରାଶା । ଚାଲନ୍ତୁ ଶୀଘ୍ର ପଳାଇଯିବା ଅନ୍ୟ ଦେଶେ ।

ରାଜଗୁରୁ—ବୀରେନ୍ଦ୍ର ହୋଇବ ତବ କଲ୍ୟାଣ ନିଶ୍ଚୟ । ନ ହୋଇଲେ ବନ୍ଧରାଜ କାକଗର୍ଭଗତ—ତହିଁରୁ ଭଣାଳତରୁ ଲଭେ କି ଉପୃତ । ସ୍ଥିର ହୁଅ ଧୈର୍ଯ୍ୟଧର ନ କର ସନ୍ଦେହ—ଦେଇଅଛନ୍ତି ବରଦା ସ୍ୱପ୍ନେ ମୋତେ ଆଶା—ଏହି ଯୋଗୁଁ ଏହି ସ୍ଥାନେ ରଖିଛି ତୁମ୍ଭଙ୍କୁ—ଉଦ୍ଧରିଲେ ଏ ପୁଣ୍ୟଭୂମି ହେବ ଅଲ୍ପଦିନେ ।

ଭୁଜବଳ—(ସାଗ୍ରହେ) ପାଇଅଛନ୍ତି ଆପଣ ସ୍ୱପ୍ନ କେଉଁ ଅଣ—ଶୁଣିବାରେ ତାହା ମୁହିଁ ହେବ କି ଭାଜନ ।

ରାଜଗୁରୁ—ଆଜ୍ଞା ନାହିଁ କହିବାକୁ କାର୍ଯ୍ୟସିଦ୍ଧି ଯାଏ—ଫଳରୁ ସେହି ସମସ୍ତ ହେବ ଅବଗତ ।

କରୁଣି—(ପ୍ରବେଶ କରି) (ସ୍ୱଗତ) ସୌଦାଗର ମନ ବଡ଼ ଖୁସି ଅଛି, ବୋଧହୁଏ ଏଥର ଅନେକ ଲାଭ କରିଛି, ଶୁଣିବା ମତେ ଏହି ବିଦେଶୀ ଦୁଇଟାଙ୍କର ମାସକର ଖର୍ଚ୍ଚ ଯେତେବେଳେ ମୋତେ ଦେଲାଣି ସେତେବେଳେ ଅନୁମାନ ହୁଏ, ଏହାଙ୍କୁ ନିଶ୍ଚୟ ଭଲ ଦବାକି ଦେବ, ମୁଁ ଚାରିପଣିଟା ଗୁଡ଼ିବ କାହିଁକି । ବନ୍ଦେବସ୍ତ କରିଦିଏଁ । (ପ୍ରକାଶ୍ୟେ) ହେ ହେ, ତୁମେ ଆସି ଏ ବଣରେ କ'ଣ କରୁଛ । ମୁଁ ଗାଁ ଯାକ ଖୋଜୁଛି ।

ରାଜଗୁରୁ—ପ୍ରେରିତ ଆପଣେ । ତୁମ୍ଭ ଦୟାରୁ ମାସେ ହେଲା ଏଠାରେ ରହିଲୁ ତଥାପି ସୌଦାଗରଙ୍କ ଦେଖା ହେଲା ନାହିଁ ।

ବସା ଭିତରେ ବସି ବସି ବିରକ୍ତ ବୋଧହେବାରୁ ଭୁବ
ଆସିଥିଲୁ । କାହିଁକି ଖୋଜୁଛ ।

କରୁଣି—ସୌଦାଗରଙ୍କ ଦେଖା କରିବାର କି ଆବଶ୍ୟକ ।

ରାଜଗୁରୁ—କି ଆବଶ୍ୟକ ବୁଝି ପାରୁନାହିଁ । ତାଙ୍କ ନାମ ପର
ଲକ୍ଷ୍ମୀଗୁପ୍ତ ।

କରୁଣି—ଲକ୍ଷ୍ମୀଗୁପ୍ତ ନାମରୁ କ'ଣ ଆବଶ୍ୟକ ବୁଝାପଡ଼େ ।

ରାଜଗୁରୁ—(ସ୍ୱଗତ ମୁଁ ଏହାକୁ ମୋଟା ଦେଖି ମନେ କରିଥିଲି
ଭିତରେ କିଛି ଅଛି; କିନ୍ତୁ ବୁଦ୍ଧି ଠାଉ ଏହାର ଦେହଠାରୁ
ଦୁଇଗୁଣ । (ପ୍ରକାଶ୍ୟେ) ପଣ୍ଡିତେ ! ଯେ ଲକ୍ଷ୍ମୀକୁ ସାଇତି
ରଖେ, ତାହାର ନାମ ଏହି ରୂପ ହୁଏ ।

କରୁଣି—ହଁ, ହଁ ବୁଝିଲି । ତେବେ କିଛି ପାଇବାର ଆଶାକରୁଛ ।
ସିଠାଇ କହୁନା କାହିଁକି ?

ରାଜଗୁରୁ – ସବୁତ ଆପଣ ଜାଣିପାରନ୍ତି । ସେ କେବେ ଆସିବେ ?

କରୁଣି—ସେ ଆସିଲେଣି । ଆଜ ଦେଖା କରେଇ ଦେଇପାରେ ।
କିନ୍ତୁ ଶୁଖିଲା ହାତରେ ତ ତାହା କରିପାରୁ ନାହିଁ ।

ରାଜଗୁରୁ –କିଛି ଲାଞ୍ଚ ଦେବାକୁ ହେବ ?

କରୁଣି – ଆହା ! ବିନା ଲାଞ୍ଚରେ କି ଗୁଞ୍ଚ ବୁଣାଯାଏ ।

ରାଜଗୁରୁ—ମହାଶୟ ! ବର୍ତ୍ତମାନ ଅମ୍ଭ ନିକଟରେ ଦେହ ବ୍ୟତୀତ
ଅନ୍ୟ କିଛି ନାହିଁ ।

କରୁଣି—ମୁଁ କ'ଣ ବର୍ତ୍ତମାନ ମାଗୁଛି ।

ରାଜଗୁରୁ—ଆଉ ?

କରୁଣି—ତୁମେ ସୌଦାଗରଙ୍କଠାରୁ ଯେଉଁ ବଦାନ୍ୟ ପାଇବ ସେଥି
ଷୋଳପଣ ଦେବାର କଥା କଲେ ଦେଖାକରେଇ ଦେବି ।

ରାଜଗୁରୁ – ଏଥିରେ ସନ୍ଦେହ କ'ଣ ।

କରୁଣି—ତେବେ ଶୀଘ୍ର ଆସ । ମାଛ ଅନ୍ଧାରଆ ହେଲେ ବଣରୁ କଲରାଫୁଲଆ ବାଘ ବାହାରି ପଡ଼ିବ ।

(ସମସ୍ତଙ୍କର ପ୍ରସ୍ଥାନ)

## ୩ୟ ଅଙ୍କ—୧ମ ଦୃଶ୍ୟ

ବଜ୍ରପୁର ଗଡ଼ ରାଜସଭା ।

(ରାଜା, ଦେବଭଣ୍ଡି ଉପବିଷ୍ଟ, ବାପ୍ପା ସଞ୍ଜାଣ ଗଞ୍ଜେଇଚିଲମ ସଜେଇବା, ପାର୍ଶ୍ୱରେ ନର୍ତ୍ତକୀଗଣ ଦଣ୍ଡାୟମାନ)

ରାଜା—ଦେବଭଣ୍ଡି ଆଜି ନୂଆ ନାଚ ଦେଖିବାକୁ ସବୁ ବଡ଼ସାନ-ମାନଙ୍କୁ ଡକରା ହୋଇଥିଲା, ସେମାନେ କାହିଁକି ଆସି ନାହାନ୍ତି ।

ଦେବଭଣ୍ଡି—ଆଜ୍ଞା ସେଦିନ ସାର ମହାରଥୀ କଉଡ଼ି ନେବାକୁ ଆସି ଫେଡ଼ି ଯାଇଥିବାରୁ ବୋଧହୁଏ ଅନ୍ୟମାନଙ୍କୁ ଶିଖେଇ ଦେଇ ଥିବ ।

ରାଜା—କ'ଣ ଶିଖେଇ ଦେଇଥିବ ?

ଦେବଭଣ୍ଡି—ନାଚ ଦେଖିବାକୁ ଗଲେ କଉଡ଼ି ଦେବାକୁ ପଡ଼ିବ । କେହି ଯିବା ନାହିଁ ଏହିକଥା ଆଉ କ'ଣ ।

ରାଜା—ତେବେ ମନେ ରଖ ସେମାନେ କର ଦାଖଲ କଲାବେଳେ ଆଗ ଯାହାମାନଙ୍କ କାଟି ନବ ।

ଦେବଭଣ୍ଡି—ମୁଁ ସେହି କଥା ଭାବୁଛି ।

ରାଜା—(ଚିଲମଟାଣି ଦେବଭଣ୍ଡି ହାତକୁ ଦେଇ) ଆରେ ବାଃ । ଆଜି ଲାଗଟା ବଡ଼ ଠିକ୍ ହୋଇଛି । ଆଉ ଚିଲମେ କର ।

ସଞ୍ଜାଣ—ଯେ ଆଜ୍ଞା (ତିଆରି କରିବା ।

ଦେବଷ୍ଣି—ଆଜି ଚିଲମେ କଣ କହୁଛନ୍ତି—ତିନି ଚିଲମ କରିବାକୁ ହେବ ।

ରାଜା—କାହିଁକି, ଏହି ନର୍ତ୍ତକୀମାନଙ୍କୁ ଦିଆଯିବ ।

ଦେବଷ୍ଣି—ନା ତାର ଶାସ୍ତ୍ର ଅଛି, ଚାରି ଚିଲମ ନ ଖାଇଲେ ନିଶା ଜମେ ନାହିଁ ।

ରାଜା—କି ରକମ ଶାସ୍ତ୍ର ।

ଦେବଷ୍ଣି—ଶୁଣିବା ହେଉ । ଏକ ଚିଲମ ଫସରଫାସର ଦୁଇ ଚିଲମ ମଜା, ତିନ ଚିଲମ ମଦନ ମୋହନ ଚାରିଚିଲମ ରଜା ।

(ସଞ୍ଜାଣ ସଜାଇବା ଓ ବାରବାର ଖାଇବା)

ରାଜା—ପ୍ରକୃତରେ ଦୁଇ ଏକ ଚିଲମ ଟାଣିଲେ କିଛି ହୁଏ ନାହିଁ । ଆଜି ନିଶା ବେଶ୍ ଜମି ଉଠୁଛି ।

ଦେବଷ୍ଣି—ଶାସ୍ତ୍ରକଥା କି ମିଛ ହେବ ।

ରାଜା—ଏହି ବେଶ୍ୟାମାନେ କେଉଁ ଦେଶରୁ ଆସିଛନ୍ତି ।

ସଞ୍ଜାଣ—ଆଜ୍ଞା, କେନ୍ଦ୍ରାପଡ଼ାରୁ ।

ରାଜା—ଆସିବା ପାଇଁ ଏମାନଙ୍କୁ ସମ୍ବାଦ ଦିଆ ଯାଇଥିଲା ?

ସଞ୍ଜାଣ—ଆଜ୍ଞା ନା ।

ରାଜା—ତେବେ ଏମାନେ ମୋର ମନ ଜାଣିଲାପରି ଏତେ ଦୂରରୁ କିମିତି ଆସିଲେ ।

ଦେବଷ୍ଣି—ବଣରେ ଜଙ୍ଗଲ ଫୁଲ ଫୁଟିଲେ ଭ୍ରମରଙ୍କୁ କେହି କ'ଣ ସମ୍ବାଦ ଦେଇଥାଏ ।

ରାଜା—ଭ୍ରମର ଗନ୍ଧ ପାଇ ଆସନ୍ତି ।

ଦେବଷ୍ଣି—ଏମାନେ ସେହିପରି ଆପଣଙ୍କ ନା ଶୁଣି ଆସିଛନ୍ତି ।

ରାଜା—(ସ୍ୱଗତେ) ଏତେ ଦୂରର ଲୋକେ ବି ମୋର ନାଁ ଜାଣନ୍ତି ?

ଦେବଦତ୍ତ—ଏଥିରେ କି ସନ୍ଦେହ ଅଛି । କେନ୍ଦୁଝରଗଡ଼ଜାତ ଦୁଇ ଦିନର ବାଟ । ତୁମ୍ଭଙ୍କ ନାଁତ ଆଜି ଓଳାଭର ସମସ୍ତେ ଜାଣନ୍ତି ।

ରାଜା—(ସ୍ୱ ଲପଡ଼ା । ଓଃ ବେଳାଏ ଜଣା ହୋଇଗଲା, (ନର୍ତ୍ତକୀଙ୍କୁ ଦୃଷ୍ଟି) ଏବେ ନୃତ୍ୟ ଗୀତ କର ।

(ନର୍ତ୍ତକୀ ଗଣର ନୃତ୍ୟଗୀତ) ରାଗ—କଲ୍ୟାଣ ।

ସେ ସିନା ଗଣା ନାଗରେ—ସଙ୍ଗି ମାରେ
ଯାହାର ଅନ୍ତର ଦଣନରନ୍ତର ସୂତନୁ ଅନୁରାଗରେ । ପଦ

ହେମ ଗୋଷ୍ଠୀ ପ୍ରେମ ଧମା ବୋଲାଇ ସେ
ନମାଜ କରୁ ଦରୁର
ପୀରତ ଆଶାରେ ତା'ପାଦ ପାଣରେ
ଖଟେ ଯଥା ପରସ୍ପର । ୧

ଦମ୍ପ୍ତି ତା ବିଯୋଗ ଜନ୍ୟ ରୋଗ ଭୋଗ
ନ ଘଟେ ଯାର ଜୀବନେ
ହାସ ପରହାସେ ବହରେ ଆବାସେ
କି ଅବା କେଉଁ ପବନେ । ୨

କ୍ଷଣଦା ବିବାରେ ସୁନ୍ଦରୀ ସେବାରେ
ହୋଇବାରୁ ସିଦ୍ଧକାମ ।
ପୁଷ୍ପଶିଳୀମୁଖ ପ୍ରହାରେ ବିମୁଖ
ଯା' ପ୍ରଭବକତ ଜାମ । ୩

ରାଜା—ବାଃ ବାଃ ବେବର୍ତ୍ତ । ଏହାଙ୍କର ଗଳାଗୁଡ଼ି ସରୁ ।
ବେବର୍ତ୍ତ—(ଡଳ ଡଳ) ଆଜ୍ଞା ବୁଢ଼ୀ ଅଣୀ ସୁତାଠାରୁ ସରୁ । ଏଥିରେ ମନ ମାଚ୍ଛି ଏକା ବେଳକେ ଲାଗି ପଡ଼ୁଛି ।
ରାଜା—ସଞ୍ଜାଣ ଏମାନଙ୍କୁ ବସା ସଞ୍ଜା ଦେଇ ରଖାଅ, ସନ୍ଧ୍ୟାବେଳେ ବଗିଚାକୁ ଡାକି ଆଣିବୁ ।
ସଞ୍ଜାଣ – ଯେ ଆଜ୍ଞା । (ନର୍ତ୍ତକୀଙ୍କୁ ନେଇ ପ୍ରସ୍ଥାନ)
ପାଣ୍ଡୁ ନାୟକ—(ପ୍ରବେଶ) ମଙ୍ଗଲୋ ଭଗବାନ ବିଷ୍ଣୁ ମଙ୍ଗଲୋ ମଧୁସୂଦନଃ ମଙ୍ଗଲଃ ପୁଣ୍ଡରୀକାକ୍ଷୋ ମଙ୍ଗଲୋ ଗରୁଡ଼ ଧ୍ୱଜଃ । ମାଧବୋ ମାଧବୋ ବାଚ ମାଧବୋ ମାଧବୋ ହୃଦ—ସ୍ମରନ୍ତ ସାଧବୋ ନିତ୍ୟଂ ସର୍ବ କାର୍ଯ୍ୟେଷୁ ମାଧବଂ । (ପାଞ୍ଜି ଫିଟେଇ) ବୃନ୍ଦାବନ ପଣ୍ଡିତ ବାସରେ ପଞ୍ଚମୀ ତେର ଦଣ୍ଡ କୋଡ଼ିଏ ଲିତା, ମଘା ନକ୍ଷତ୍ର ବାର ଦଣ୍ଡ ତେର ଲିତା, ସିଂହଚନ୍ଦ୍ର ଷାଠିଏ ଦଣ୍ଡ ଇନ୍ଦ୍ର ଯୋଗ ସତର ଦଣ୍ଡ ସତେଇଶ ଲିତା ବବକରଣ ଚଉଦ ଦଣ୍ଡ ଚବିଶ ଲିତା—ବିଦ୍ୟାଂଶ ଦଣ୍ଡ ଶୂନ୍ୟ ପଞ୍ଚାଶ କଳାରୁ ଛତିଶ ବିକଳା—କାର୍ତ୍ତିକ ମାସ ସତେଇଶ ଦିନ—ସିଂହକୁ ଶ୍ରୀ ଚନ୍ଦ୍ର, କନ୍ୟାକୁ ଦ୍ୱାଦଶ, ତୁଲାକୁ ଏକାଦଶ, ବିଚ୍ଛାକୁ ଦଶମ, ଧନୁକୁ ନବମ, ମକରକୁ ଅଷ୍ଟମ, କୁମ୍ଭକୁ ସପ୍ତମ, ମୀନକୁ ଷଷ୍ଠ, ମେଷକୁ ପଞ୍ଚମ, ବୃଷକୁ ଚତୁର୍ଥ, ମିଥୁନକୁ ତୃତୀୟ, କକଡ଼ାକୁ ଦ୍ୱିତୀୟ, ଶ୍ରୀ ପ୍ରଭୁଙ୍କର ବିଚ୍ଛାକୁ ଦଶମଚନ୍ଦ୍ର ଆଜ ଶୁଭ ।
ରାଜା—ଅବଧାନେ । ଆମ୍ଭର ସବୁ ଗ୍ରହ ଭଲ ଅଛି ।
ପାଣ୍ଡୁ—ଆଜ୍ଞା, ଏ ପର୍ଯ୍ୟନ୍ତ ଭଲ ଥିଲେ (ଇତସ୍ତତଃ କରି) କିନ୍ତୁ—ଏଣିକି –
ରାଜା—ଏଣିକି କଣ ! ଭୟ କରୁଛ କାହିଁକି ?

ପାଣ୍ଡୁ  ଆସନ୍ତା ରବିବାର ବୃହସ୍ପତି ମିଥୁନକୁ ଗଲେ ଘ୍ରମୁଙ୍କର ଅଷ୍ଟମ ହେବ । ଆଗରୁ ଶନିସପ୍ତା ପଡ଼ିଛି ।

ରାଜା—ସେଥିରେ ଭୟଙ୍କର । ଏହିପରିତ କେତେ ଥର ଅଷ୍ଟମ କେତେ ଶନିସପ୍ତା ଯାଇଥିବ ।

ପାଣ୍ଡୁ—ଦୁଇଟା ପ୍ରଧାନ ଗ୍ରହ ଖରାପ ହେଉଛି ।

ରାଜା—ଏମାନଙ୍କ ଖରାପ ଫଳ କ'ଣ ହେବ ।

ପାଣ୍ଡୁ—ଶରୀର ପୀଡ଼ା, ରାଷ୍ଟ୍ର ବିପ୍ଳବ, ସ୍ଥାନଚ୍ୟୁତ ।

ରାଜା—ଦୋଷ କଟିବାର ଉପାୟ ଅଛି ?

ପାଣ୍ଡୁ  ହଁ ଅଛି ।

ରାଜା—କ'ଣ ।

ପାଣ୍ଡୁ—ଗ୍ରହଯାଗ ଆଉ ଦାନ ।

ରାଜା—କି ଦାନ ।

ପାଣ୍ଡୁ—ବୃହସ୍ପତି ପାଇଁ ଯୋଡ଼ିଏ ହଳଦିଆ ବସ୍ତ୍ର, ହଳଦୀ ଓ ସୁନା, ଶନି ପାଇଁ ଲୌହ ତୈଳ, କୃଷ୍ଣବର୍ଣ୍ଣ ଗାଈ, ତିଳ ।

ରାଜା—ଏ ଦାନରେ ଦୋଷ କଟି ଯିବ !

ପାଣ୍ଡୁ—ଆଜ୍ଞା-ଶାସ୍ତ୍ର କଥାରେ ସନ୍ଦେହ କଣ ।

ବେବର୍ତ୍ତ—(ହାଃ ହାଃ ହସି) ଘ୍ରମୁ ଏହି ଠକ କଥାରେ ଭଣ୍ଡାଉ କରୁଛନ୍ତି, ସଂସାରରେ ଯେତେ ଲୋକଙ୍କର ରଜା ରାଶି ସମସ୍ତଙ୍କର ତ ଏହି ଫଳ ହେବ ।

ରାଜା—ଆଜ୍ଞା ।

ବେବର୍ତ୍ତ—ଦୁଃଖୀ ଭିକାରୀଙ୍କର ।

ରାଜା—କାହିଁକି ।

ବେବର୍ତ୍ତ – ଗୁମ୍ଭେ ବୁଝି ପାରୁନାହାନ୍ତି । ବଳବାନର ପାଖକୁ କେହି ପଶି ପାରେ ନାହିଁ । ତାର ଯେ ସାତ ଖୁଣି ମାଫ । ଏଗୁଡ଼ାକ ମଫସଲରେ ଠକୁଛନ୍ତି ବୋଲି ଏଠିକି ଠକିବାକୁ ଆସିଛୁ ।

ରାଜା—ସତ କଥା । ଆମେତ ରାଜା ଗ୍ରହ ସବୁ ଆମର କଣ କରିବେ ।

ପାଣ୍ଡୁ—(ସ୍ୱଗତ) ବିନାଶ କାଳେ ବିପରୀତ ବୁଦ୍ଧି । ଏହାଙ୍କର ଅଚିରରେ ପତନ ହେବ ।

ବେବର୍ତ୍ତ—ଆହ୍ମର ଦାନ କରିବାକୁ କହୁଛି । ଗାଈଟା ମଣିଷ କି ଦାନ କରେ । ଯେତେବେଳେ ଅଣରୁଣ ବଢ଼େ, ଆଖି ମଟି ମଟି କରେ, ପାଟି ପଡ଼ିଯାଏ ସେତିକିବେଳେ ପୁଅ ଭାଇ ଯେ ଥାଆନ୍ତି ସେ ଲୁଗା ମାଣେକ ବୁଢ଼ୀ ଗାଈଟା ତା' ହାତରେ ଛୁଇଁ ବ୍ରାହ୍ମଣକୁ ଦିଅନ୍ତି । (ପାଣ୍ଡୁକୁ ଚାହିଁ) ଯା' ଯା' ପାଞ୍ଜି ବାନ୍ଧ । ଏଠାରେ ମଫସଲିଆ ଓଲୁ ନାହାନ୍ତି ।

ପାଣ୍ଡୁ—ଯେ ଆଜ୍ଞା । (ସ୍ୱଗତ) ରାଜାକୁ ଧର୍ମ ଛାଡ଼ିଲାଣି । ରତନା ବେବର୍ତ୍ତ ହୋଇ ତାର ସର୍ବନାଶ କଲା । ପାପ ଅଧିକ ହେବାରୁ, ପିତ୍ତ ବଢ଼ିଲେ ନବାତ ପିତା ଲାଗିଲାଭଳି, ଭଲ କଥା ଏହାକୁ ମନ୍ଦ ଜଣାଯାଉଛି । (ପ୍ରସ୍ଥାନ)

ରାଜା—(ବେବର୍ତ୍ତକୁ ଚାହିଁ) ତମ ତଡ଼କାରେ ଅବଧାନ ପଳେଇ ଗଲା ।

ବେବର୍ତ୍ତ—ଆଜ୍ଞା ନାୟକ ବୋଲି ବ୍ରାହ୍ମଣ ବୋଲି ଏମାନଙ୍କପରି ଉଜାଗୃତ ଦୁନିଆରେ ନାହିଁ । ଏମାନେ ପୂଜାଟୂଜା କଢ଼େଇ ଦିନ ଦୁଇ ପହରେ ଆଖି ଆଗରେ ସର୍ବସ୍ୱ ଲୁଟି କରନ୍ତି ।

ରାଜା—ହିଁ ହିଁ ସେ ଦୁଇଟା ଜାତି ବଡ଼ ନମ୍ବର ।

ବେବର୍ତ୍ତ – ଆହ୍ମର ଗୋଟା ବାଟ ପାରୁ ଅଛି ।

ରାଜା—କହ ।

ଦେବର୍ଷି—ଗୋସାଇଁ ।

ରାଜା—ସେତ ମନ୍ତ୍ର ଶିଖାଇ ଦିଅ ।

ଦେବର୍ଷି—ଏହା ସତ କଥା ବୋଲି ଭାବଛନ୍ତି ।

ରାଜା - ମିଛ କ'ଣ ।

ଦେବର୍ଷି—ସେ ଯେଉଁ ମନ୍ତ୍ର ଶିଖେଇ ଦେଇ କଉଡ଼ି ନିଏ, ସେ ମନ୍ତ୍ର ଜପରେ ଭଗବାନ ପ୍ରସନ୍ନ ହୁଅନ୍ତି ନାହିଁ ।

ରାଜା—କାହିଁକି ।

ଦେବର୍ଷି—ଜଣେ ଦଶହାତ ଦୂରରେ ବସି ଆପଣଙ୍କ ନାମକୁ ଜପ କଲେ ଆପଣ ତା' ପ୍ରତି ପ୍ରସନ୍ନ ହୁଅନ୍ତେ ?

ରାଜା - ମୁଁ ନଜାଣିଲେ କପରି ପ୍ରସନ୍ନ ହେବି ।

ଦେବର୍ଷି—ପୁରାଣରୁ ଶୁଣାଯାଏ ଭଗବାନଙ୍କ ଘର କ୍ଷୀର ସମୁଦ୍ରରେ କେଉଁଠି ତାହା ଅବଧି କେହି ଦେଖି ନାହାନ୍ତି । ଘରେ ବସି ମନେ ମନେ ମନ୍ତ୍ରପଢ଼ି ମାଳାକୁ ଠକ୍ ଠକ୍ କରି ଗଡ଼ାଇଲେ ସେ କେମିତି ଜାଣିବେ ।

ରାଜା—ସତ କଥା, ତାଙ୍କର କି ଆମ କାନରୁ ବଡ଼ କାନ ଅଛି । ବଡ଼ ଥିଲେ ବି ଏତେ ଦୂରରୁ ମନ୍ତ୍ରଶବ୍ଦ ଶୁଭିବ କପରି ।

ଦେବର୍ଷି—ମନେ ମନେ ଜପିବା ଗୋସାଇଁଙ୍କର ଫିକର ।

ରାଜା—କାହିଁକି ।

ଦେବର୍ଷି—ମନ୍ତ୍ରକୁ ସମସ୍ତେ ଶୁଣିଗଲେ ଗୋସାଇଁର ଦରକାର ପଡ଼ିବ ନାହିଁ—ସେ ।

ରାଜା—ଆଚ୍ଛା, ଗୋସାଇଁତ ବେଶୀ କଉଡ଼ି ଖୋଜେ ନାହିଁ । ଯାହା ଦିଅ ନେଇ ଚାଲିଯାଏ ।

ବେବର୍ତ୍ତ — ଚାର ବର୍ଷ ଗତ ଅଛୁ ଯେ, ଏଇଥିଲାଗି କେଶ ଜନ୍ମ ଖୋଜେ ନାହିଁ । ଯାହା ଦାଅ ନେଇ ଚାଲି ଯାଏ । ତା ପରେ କହେ ସବୁ ମଙ୍ଗଳ ଗୁଡ଼ୁ । ମୁଲିଆପରି କାମକର, ରଜା ରାଜୁଡ଼ା ଯେବେ ମଙ୍ଗଳ ନ କରିବେ, ଆଉ କରିବ କିଏ ? ମଣିଷ ମଲେ କି ଆଉ ଜନ୍ମ ପାଇବ ।

ରାଜା— ଜନ୍ମ ହୁଏ ବୋଲି ସମସ୍ତେ କହନ୍ତି ।

ବେବର୍ତ୍ତ—ସେ ମିଛ କଥା, ମୋ ବାବାମର କେଉଁଠି ଜନ୍ମ ହୋଇଛନ୍ତି । କେବଳ ଗୋସେଇଁ ଚଟା କଟେଇ ବେକରେ ପଘା ଲଗେଇ ଲୋକଙ୍କୁ ବନ୍ଦୀ କରିବାକୁ ଏସବୁ ଫନ୍ଦ କରିଛି । ଲୋକେ ନବୁଝି ବିଷୟ ସୁଖ ମୁହଁରେ ପାଉଁଶ ପକେଇ ଧନ୍ଦ ହୁଅନ୍ତି ।

ରାଜା—ତୁମ ଭଳି ବୁଦ୍ଧିମାନ ଲୋକ ନଥିଲେ ମୁଁ ଆଜି ନାସ୍ତକ କଥାରେ ଗୁରୁଧନର ଗଞ୍ଜେଇ ଖର୍ଚ୍ଚ ମାହାଳିଆରେ ଉଡ଼େଇ ଦେଉ ଥାଅନ୍ତି । ଚାଲ ଖାଇ ପିଇ ପ୍ରସ୍ତୁତ ହୋଇ ବଟିକ୍କୁ ଯିବା । ହଁ ସେ ବେଶ୍ୟାମାନଙ୍କ ଚଦାଙ୍କା ସଂଗ୍ରହ କରିବ ।

ବେବର୍ତ୍ତ—ମୁଁ କଳାପାହାଡ଼କୁ ପଠେଇ ବଡ଼ ସାନମାନଙ୍କୁ ଡକେଇ ଅଣୁଛି । ତାଙ୍କଠୁ ଚଦାଙ୍କା ଆଦାୟ ହେବ ।

(ସଞ୍ଚାଣ ସହିତ ପ୍ରସ୍ଥାନ)

## ୩ୟ ଅଙ୍କ — ୨ୟ ଦୃଶ୍ୟ

### ସ୍ଥାନ—ସୌଦାଗରଙ୍କ ବୈଠକଖାନା)

( କଥୋପକଥନ କରୁ କରୁ ରାଜଗୁରୁ ଓ ସୌଦାଗରଙ୍କ ପ୍ରବେଶ)

ସୌଦାଗର—ରାଜଗୁରୁ ମହାଶୟ ! ମୋର ଏ ପ୍ରସ୍ତାବ ଆପଣଙ୍କ ହୃଦୟକୁ କ ପ୍ରକାର ରୁଚେ—ଦେଖିବା ଦିନରୁ ଆମ୍ଭେ ପତି ପତ୍ନୀ ବେନି—ହୃଦୟ ମଧ୍ୟରେ ଏହାକର ଅଛୁଁ ସ୍ଥିର ।

ରାଜଗୁରୁ ଭଦ୍ର ! ତୁମ୍ଭର ପ୍ରସ୍ତାବ ଅତ୍ୟନ୍ତ ଉତ୍ତମ—ମୁହିଁ ମଧ୍ୟ ଉଭୟଙ୍କ ରୂପଗୁଣ ଦେଖି—ଏକାନ୍ତ ଅନ୍ତରେ ତାହା କରିଥାଏ ଚିନ୍ତା—ଦୟାବନ୍ତ ପ୍ରଜାପତି କଲେ ଅନୁଗ୍ରହ—ବରକନେ କଳାକର ରୋହିଣୀ ସଦୃଶ—କିନ୍ତୁ ବସିବାକୁ ସ୍ଥାନ ନାହିଁ ଆପଣାର—କି ରୂପେ ସେ ଏ ବିଷୟେ ହୋଇବେ ସମ୍ମତ ।

ସୌଦାଗର - ଏ ବିଷୟେ କର ନାହିଁ କିଞ୍ଚିତ ଭାବନା--ମୋର ବିପୁଳ ସମ୍ପଦ ଦେବି ଯଉତୁକେ ।

ରାଜଗୁରୁ—(ସ୍ୱଗତ) ଏ ସୁଯୋଗ ଛାଡ଼ିବାର ନୁହେ କଦାଚନ, ଭୁଜବଳଙ୍କର ଇଚ୍ଛା ନ ବୁଝି ବା ଯାଏ—ଉଚିତ ନୁହେ ସହସା ସମ୍ମତି ପ୍ରଦାନ । (ପ୍ରକାଶ୍ୟେ) ଭୁଜବଳଙ୍କର ସଙ୍ଗେ ପରାମର୍ଶ କରି—ଅଳ୍ପ ଦିନ ପରେ ଦେବି ଏହାର ଉତ୍ତର ।

ସୌଦାଗର—ଅନ୍ୟଥା ନ କରିବେ ସେ ତବ ଆଦେଶ--ଦେଖନ୍ତୁ ମୁଁ ଆପଣଙ୍କ ଆସିବା ଦିନରୁ—ନିର୍ଦ୍ଦେଶ ବିନା କଦାପି ନ ଚଳନ୍ତି ପାଦେ – ଶିଷ୍ୟା ପ୍ରତି ଅନୁକମ୍ପା ପ୍ରକାଶି ସଂପ୍ରତି—ପୂର୍ଣ୍ଣ କରନ୍ତୁ ମୋହର ବିନୟ ପ୍ରାର୍ଥନା ।

ରାଜଗୁରୁ—(ସ୍ୱଗତ) ସର୍ବ ସୁଲକ୍ଷଣା, ଗୁଣବନ୍ତୀ କନକାକୁ—କରିବ ଭୁଜବଳଙ୍କ ଅଙ୍କ ବିଳାସିନୀ—ଜାଗେ ମୋ ହୃଦୟେ ଏହି ବଳବନ୍ତ ଇଚ୍ଛା—କିନ୍ତୁ ନବୀନ ଯୌବନ ବର୍ଷାକାଳ ନଦୀ—ପ୍ରବାହ ପ୍ରାପ୍ତ ହୋଇଲେ ଅଳ୍ପ ଅବକାଶ—ନମାନ ବାଧାବିଘ୍ନ ଏଡ଼ି ଧାଏଁ ଅଧୋମୁଖେ—ଅତଏବ ସାବଧାନେ ମୁଁ ଭୁଜବଳଙ୍କୁ ରଖିଅଛି କନକାର ନେତ୍ର ଅନ୍ତରାଳେ, ପ୍ରକୃତ ମନ୍ଦ ରାଜାର ଶ୍ରବଣ ଗୋଚର—ହେଲେ ଏ ବିଷୟ ମୋର ଶ୍ରମ ହେବ ପଣ୍ଡ—ସ୍ୱୀକାର ମାତ୍ର ସଲିଳେ ତୈଳ ବିନ୍ଦୁ ସମ—ସଞ୍ଚରିବ ଏ ବାରତା ଦେଶରେ ସହସା ।

ସୌଦାଗର—ମହୋଦୟ ! ଶୁନହୋଇ ରହିଲେ କାହିଁକି—ଓଁ କାର ଶବଦେ ମୋର ପୂର୍ଣ୍ଣକର ଆଶା—ଧୀରବର ଧରୁଅଛି ଶ୍ରୀଚରଣ ତବ—ସଫଳ କରନ୍ତୁ ଆଜ ମୋର ଅନୁରୋଧ ।

ରାଜଗୁରୁ—(ସ୍ୱଗତ) ବିଷମ ସଙ୍କଟ ଏହାଙ୍କର ଯେ ପ୍ରକାର ଆଗ୍ରହାତିଶଯ୍ୟ ଦେଖୁଛି ତହିଁରେ ଏ ମୋତେ ଅନୁମତି ନ କରେଇ ଛାଡ଼ିବେ ନାହିଁ । କତୁହଦିନ ପୂର୍ବେ ଜଣେ ଭଦ୍ର ବ୍ୟକ୍ତିଠାରୁ ରାଜାର ଅତ୍ୟାଚାର ଶୁଣି ତାର ଉପଯୁକ୍ତ ଶିକ୍ଷା ନିମନ୍ତେ ରାଜ ବିଦ୍ରୋହର ସୂତ୍ରପାତ କରିଥିଲି । ଅବଧି ତାହାର ତତ୍ତ୍ୱ ଜାଣି ନାହିଁ । କେବଳ ସ୍ଥାନେ ୨ ଲୋକେ ରାଜାଙ୍କୁ ନିନ୍ଦା କରୁଛନ୍ତି, ଏତଦ୍ୱାରା କ'ଣ ହେବ କୃପାମୟୀ ଦୁର୍ଗେ ! ସବୁ ତୁମର ଇଚ୍ଛା ସ୍ୱୀକାର କରୁଛି ! ରକ୍ଷା କର ମା ! (ପ୍ରକାଶ୍ୟେ) ମହାଶୟ ପୂର୍ଣ୍ଣହେବ ତବ ଅଭିଳାଷ—ଏ ବିଷୟେ ବର୍ଷେ ମାତ୍ର କରନ୍ତୁ ଅପେକ୍ଷା—ବିବାହ ପର୍ଯ୍ୟନ୍ତ ଏହା ରଖିବେ ଗୋପନ—ସର୍ବଶେଷ ଅନୁରୋଧ ଏତିକ ମୋହର ।

ସୌଦାଗର—ଧନ୍ୟ ହେଲି ଧନ୍ୟ ହେଲି ଆଜ ମୋର ବଂଶ—
ଆପଣଙ୍କ ଭଳି ଉପଯୁକ୍ତ ବନ୍ଧୁଲାଭେ—ପ୍ରାଣପଣେ କରିବି ମୁଁ
ଆଦେଶ ପାଳନ ।

ନେପଥ୍ୟେ—ଗୁମାନ୍, ଗୁମାନ ।

ସୌଦାଗର—କିଏ ।

ନେପଥ୍ୟେ—ମୁଁ ବୀର ମନ୍ଦାରଥା ।

ସୌଦାଗର—ଆସ ଆସ ।

ସୌଦାଗର (ପ୍ରତିପ୍ରଣାମ କରି) କୁଆଡ଼େ ।

ବୀର—ବିଶେଷ କାର୍ଯ୍ୟରେ ।

ରାଜଗୁରୁ—(ସ୍ୱଗତ) ଏହି ଲୋକ ସଙ୍ଗେ କଥାବାର୍ତ୍ତା ହେଲାପରି
ମନେ ହେଉଛି, ଦେଖାଯାଉ ସେହି ଅନ୍ୟ କେହି ।

ସୌଦାଗର—ବିଶେଷ କାର୍ଯ୍ୟ ?

ବୀର—ହଁ

ସୌଦାଗର—ତେବେ ପ୍ରକାଶ କର ।

ବୀର—କହିବାକୁ ଆସିଛି । (ରାଜଗୁରୁଙ୍କ ପ୍ରତି) କିନ୍ତୁ

ସୌଦାଗର—କିଛି ଶଙ୍କା ନାହିଁ, ଏ ମୋର ଦକ୍ଷିଣ ହୃଦୟ ।

ବୀର—(କିଛି ସ୍ୱଗତ) ଆରେ ଏହିତ ମୋର ଉପଦେଷ୍ଟା
(ପ୍ରକାଶ୍ୟେ) ପ୍ରଭଞ୍ଜନ ରାଜା ଯେଉଁସବୁ ଅଧର୍ମ କରୁଛନ୍ତି,
ସେ ସମସ୍ତ ଆପଣ ଶୁଣିଥିବେ ।

ସୌଦାଗର—(ବିସ୍ମୟେ) କି ଅଧର୍ମ ।

ବୀର—ଆପଣ କିଛି ଶୁଣି ନାହାନ୍ତି ।

ସୌଦାଗର—ନା, ନା, ମୁଁ କିଛି ଶୁଣି ନାହିଁ ।

ବୀର—ତେବେ ଏହି ପତ୍ର ପଢ଼ନ୍ତୁ, ସେଗୁଡ଼ାକ ମୁହଁରେ କହିଲେ ପାପ ହେବ (ପତ୍ର ପ୍ରଦାନ)

ସୌଦାଗର—(ପତ୍ର ପଢ଼ି) ଏସବୁ କଥାତ ମୋତେ କେହି ଦିନେ କହି ନାହାନ୍ତି ।

ବୀର—ଆପଣ ରାଜାଙ୍କର ପ୍ରଧାନ ପ୍ରିୟପାତ୍ର, କଏ ଭରସି ଆପଣଙ୍କୁ କହିବ । ଆଜି ଅତି ଅସହ୍ୟ ହେବାରୁ ସମସ୍ତେ ମୋତେ ପଠେଇଲେ ।

ସୌଦାଗର—ଏସବୁ ବିଷୟରେ ତାଙ୍କୁ ନିଷେଧ କରୁ ନାହଁ ।

ବୀର—ଆପଣଙ୍କୁ କହିବାକୁତ ଭୟ ହେଉଛି, କାହାର ପିଠି କୁଣ୍ଡେଇ ହେଉଛି ତାଙ୍କୁ କହିବ । କେବଳ ପିଳା ଭଙ୍ଗେଇ କହନ୍ତେ, ସେ ତାଙ୍କୁ ଅଧିକ ମାତଉଛନ୍ତି ।

ରାଜଗୁରୁ—ଯସ୍ୟ ଦେବସ୍ୟ ଯଦ୍ରୂପଂ ତଥାଭୂଷଣ ବାହନଂ, ରାଜା ଯେପରି ମନ୍ତ୍ରୀ ସେହିପରି ନହେଲେ ସାଜିବ କିପରି ।

ସୌଦାଗର—(ପତ୍ରକୁ ଚାହିଁ) ବେଶ୍ୟା ନାଚରେ କି ମାଗଣ ହୁଏ ।

ବୀର—ଏଥିରେ କି ଭୁଲ ଅଛି ।

ସୌଦାଗର—ତେବେ ପତ୍ରଗତକଥା ସମସ୍ତ ସତ୍ୟ ।

ବୀର—ସତ୍ୟ ନହେଲେ ମୁଁ କି ଆପଣଙ୍କୁ ଜଣେଇବାକୁ ଆସିଥାନ୍ତି

ସୌଦାଗର—ତେବେ ତ ଦେଖୁଛି, ଘୋର ଅନ୍ୟାୟ ହେଉଛି । ମୋର ଏଥିରେ କର୍ତ୍ତବ୍ୟ କ'ଣ ।

ବୀର—କିଛି କରିବେ ନାହିଁ ଆମ୍ଭେମାନେ ଯାହା କରିବୁଁ ତହିଁରେ ସମ୍ମତ ହେବେ ।

ସୌଦାଗର—ତୁମ୍ଭେମାନେ ଯାହା କରିବ, ତାହା ସାଧାରଣଙ୍କର ଉପକାରରେ ଆସିବ କି ନାହିଁ ମୁଁ ଜାଣିଲେ ମୋର ମତ କହିବ ।

ବୀର—ସେ ବସ୍ତୁର ବାକି ନାହିଁ ଅନେକ ଦିନରୁ ହୋଇ ରହିଛି ।

ସୌଦାଗର—କ'ଣ

ବୀର—ପ୍ରଜାଙ୍କୁ ମତେଇ ମେଳି କରିବାକୁ ହେବ ।

ସୌଦାଗର—(ସ୍ୱଗତ) ମେଳି ହେଲେ ଯୁଦ୍ଧ ଅବଶ୍ୟ ହେବ । ଏଥିରେ ଅଶିକ୍ଷିତ ପ୍ରଜାଙ୍କର ପ୍ରାଣହାନି ବ୍ୟତୀତ କିଛି ଲାଭ ନାହିଁ ।

ବୀର—ଭାବୁଛନ୍ତି କ'ଣ ।

ସୌଦାଗର—ଯେବେ ମୁଁ ରଜାଙ୍କୁ ବୁଝେଇ ଅଧର୍ମରୁ ନିବୃତ୍ତ କରି ପାରେ ତେବେ ମେଳିରେ କି ପ୍ରୟୋଜନ ।

ବୀର—କିଛି ନୁହେଁ ।

ରାଜଗୁରୁ—ସମୁଦ୍ର ଅଭିମୁଖରେ ଧାବମାନ ନଦୀପ୍ରବାହ କି ଫେରିବ ।

ସୌଦାଗର—ତଥାପି ମୁଁ ଚେଷ୍ଟାକରେଁ ବାରମାସ ପରେ ଏହାର ଉତ୍ତର ଦେବି ।

ବୀର—ହେଉ ଏତେଦିନ ଗଲା, ଆଉ ବାରମାସ ବି ଯାଉ ମୁଁ ଯାଉଛି ।

(ପ୍ରସ୍ଥାନ)

ସୌଦାଗର—(ସ୍ୱଗତ) ମେଳିରେ କାହାର ସର୍ବନାଶ, କାହାର ପୌଷମାସ ହେବ, ଏହା କଦାପି ନୁହେଁ । ପୁରୋହିତଙ୍କୁ ରାଜାଙ୍କ ନିକଟକୁ ପଠାଏଁ । ରାଜଗୁରୁ ମହାଶୟ ! ସ୍ନାନ କରିବା ଆସନ୍ତୁ (ଉଭୟଙ୍କର ପ୍ରସ୍ଥାନ) ।

## ୩ୟ ଅଙ୍କ—୩ୟ ଦୃଶ୍ୟ

( ସ୍ଥାନ – ମଧୁବନ, ମଦନ ପୂଜା ନିମନ୍ତେ ସଖୀ ଛୟ ସହିତ କନକାଙ୍କର ପ୍ରବେଶ )

୧ମ ସଖୀ – କଞ୍ଚନ ତୁ କାଞ୍ଚନଫୁଲ ତୋଳ । ମାଧବୀ ମାଧବୀ ଫୁଲ ତୋଳ ।

ମାଧବୀ – ଆଲୋ କଞ୍ଚନ ଆମେ ତ ନାଁ ଅନୁସାରେ ଫୁଲ ତୋଳିବା ଆଉ ଲୀଳା କ'ଣ ଜେମାଙ୍କ ପାଖରେ ରହି ଲୀଳା କରିବ ।

ଲୀଳା – ନାଗୋ ମୁଁ କଣ ବସି ରହିବ, ଫୁଲ ଯୋଗେଇ ଦେବ, ଜେମା ମଦନ ଠାକୁରଙ୍କ ପାଇଁ ମାଳା ଗୁନ୍ଥିବେ ।

କଞ୍ଚନ – ଆଲୋ, ମଦନ ଠାକୁରଙ୍କର ଏଠାରେ କୌଣସି ପ୍ରତିମା-ନାହିଁ, ଚୂନା ଫୁଲ ଅଞ୍ଜୁଳାକରି ପକେଇ ଦେଲେ ତ ହେବ, ମାଳାରେ କି କାମ ।

ଲୀଳା – ତାହା ସତ, ମୋର ଗୋଟିଏ ମାଳା ଗୁନ୍ଥିବା ଦରକାର ।

ମାଧବୀ – କାହିଁକି ?

ଲୀଳା – ଇଷ୍ଟ ଦେବୀଙ୍କ ପାଇଁ ।

କଞ୍ଚନ – ସେ ଏଠାରେ ଅଛନ୍ତି ।

ଲୀଳା – ହଁ ।

କଞ୍ଚନ – କାହାନ୍ତି ।

ଲୀଳା – (କନକାକୁ ଦେଖାଇ) ଆଖି ଆଗରେ ।

କଞ୍ଚନ – ତେବେ ତୁ ଏକାକାହିଁକି, ଆମ୍ଭେ ସମସ୍ତେ ଗୋଟିଏ ଗୋଟିଏ ମାଳା ଗୁନ୍ଥିବା ।

ଲୀଳା – ହଉ ଗୁନ୍ଥ । (ସମସ୍ତଙ୍କର ମାଳା ଗ୍ରନ୍ଥନ ) ।

ଭୁଜବଳ – (ଧନୁଶର କରେ ପ୍ରବେଶ କରି, ସ୍ୱଗତ)

ଶୀତଳ ମଳୟାନିଳ ବହେ ଧୀର ଧୀର
ଚୂତ ଡାଳେ ବସି ପିକ ଡାକେ କୁହୁ କୁହୁ
ବକୁଳ ଗନ୍ଧେ ଆକୁଳ ରମ୍ୟ ବନସ୍ଥଳୀ
ମଧୁକର ଆଚରନ୍ତି ମଧୁର ସଙ୍ଗୀତ
ତଥାପି ହୃଦୟେ ମୋର ଜାତ ନୁହେଁ ଶାନ୍ତି
ପଦ ବା ସମ୍ପଦ ନୁହେଁ ସୁଖର କାରଣ
ମାନସର ସୁଖ ବିନା ଅସହ୍ୟ ସମସ୍ତ ।

ଲୀଳା – ମାଳା ତ ଗୁନ୍ଥା ହୋଇଗଲା, ଏବେ ଉଠ ।

(ସମସ୍ତଙ୍କର ଉତ୍ଥାନ)

ଭୁଜବଳ – (କନକାଙ୍କୁ ଚାହିଁ)

ଦେଖି କି ମାନସୀ ଏହି ଲାବଣ୍ୟ ପ୍ରତିମା
ଦେଖିନାହିଁ କେବେ ମୁହିଁ ଏ ରୂପ ସୁନ୍ଦରୀ
ବନ ଅଧିଷ୍ଠାତ୍ରୀ ଦେବୀ କିବା ବସନ୍ତ ଶ୍ରୀ
ସାଗର ନନ୍ଦିନୀ ସଖି ସହିତ ଅଥବା
ଆସିଛନ୍ତି କରିବାକୁ କାନନ ବିହାର
କିମ୍ବା ଏହି ରାଜଲକ୍ଷ୍ମୀ ରାଜ ଅତ୍ୟାଚାର
ଶାନ୍ତ କ୍ଷାନ୍ତ ଦୟା ସଙ୍ଗ ଯିଆନ୍ତି ସିନ୍ଧୁକୁ ।
ବୃକ୍ଷ ଅନ୍ତରାଳେ ରହି ଏହି ମାନଙ୍କର
ଶ୍ରବଣ କରିବି ସୁଖେ ମଧୁର ଆଳାପ ।

(ତଥା କରଣ)

(ସମସ୍ତେ ହାରଧରି କନକାଙ୍କ କଣ୍ଠରେ ଦେବାକୁ ଉଦ୍ୟତ)

କନକା – ଏକି କଥା ଠାକୁରଙ୍କ ପାଇଁ ଫୁଲଗୁନ୍ଥାଯାଇଛି ମୁଁ ନେଇବି ନାହିଁ ।

ମାଧବୀ – ତେବେ କେଉଁ ବୃକ୍ଷତଳେ ଠାକୁରଙ୍କୁ ପୂଜା କରିବ ଚାଲ ।

କନକା – ଆମ୍ରଗଛ ମୂଳେ ।

କାଞ୍ଚନ – ହଉ ସେହି ବୃକ୍ଷ ନିକଟକୁ ଆସ ।

( ଦୁଇ ପାଦ ଅଗ୍ରସର ହୋଇ ଭୁଜବଳଙ୍କୁ ଦେଖି ସଖୀମାନଙ୍କ ଗାନ)

ସଙ୍ଗିନୀ ଜାଣିପୂଜା ବାସର ଗୋ
ବିଜେ ନିଜେ ଦେଖ କୁସୁମଶର ଗୋ । ପଦ ।

ଅନୁପମ ତନୁ ଶୋଭା ସମ୍ପଦ
ବିଲୋକି ଆଗକୁ ନ ଚଳେ ପଦ ଗୋ ।୧।

କରେ ଧନୁ ଗୁଣ ଦିବ୍ୟ ମୂରତି
କେବଳ ସଙ୍ଗରେ ନାହାନ୍ତି ରତି ଗୋ ।୨।

କାଞ୍ଚନ – ସଖୀ ମାଧବୀ, ତୁ ତାଙ୍କ ନିକଟକୁ ଯାଇ ପଚାରି ସେ ଦିଏ ।

ମାଧବୀ – ଆଲୋ, ଦେଖୁଛତ ମଦନ ଠାକୁର ବିଜେ କରିଛନ୍ତି । ତାଙ୍କୁ ପଚାରିବ କିଏ ? ସବୁ ମାଳା ଜେମାଙ୍କ ହାତକୁ ଦିଅ ସେ ଯାଇ ତାଙ୍କ ଗଳାରେ ଲମ୍ବେଇ ଦିଅନ୍ତୁ ।

[ କନକାଙ୍କୁ ହାର ଦେଇ ଦେଲେ ]

କନକା – ନା, ମୁଁ ତାଙ୍କ ନିକଟକୁ ଯାଇ ମାଳା ଦେଇ ପାରିବ ନାହିଁ, ତୁମ୍ଭେମାନେ ନେଇ ଯାଅ ।

ଲୀଳା – ଏକି କଥା କହୁଛ ଜେମା ? ତୁମ୍ଭେ ତ ପୂଜାକରିବା ଉଚିତ, ଆମ୍ଭେ କାହିଁକି ମାଳା ଦେବୁଁ ।

କନକା – (ତଳକୁ ଚାହିଁ) ଆଗକୁ ତ ମୋ ପାଦ ପଡ଼ୁ ନାହିଁ; ମୁଁ ଯିବ କମିତ ।

ମାଧବୀ—ଅବଶ୍ୟ ଯିବ ।

କନକା—ନା ଗୋ ମୁଁ ଯାଇ ପାରିବ ନାହିଁ, ତୁମେ ଏ ମାଳା ନିଅ ।

[ କଞ୍ଚନ ଓ ଲୀଳା କନକାଙ୍କ ହାତଧରି ଟାଣି ନେବା ]

ମାଧବୀ—ଜେମା, ଠାକୁରଙ୍କୁ ଡରୁଛ କାହିଁକି ?

ନିଅମ ମାଳା ଦିଅ ।

କନକା—( ତଳକୁ ଚାହିଁ ଭୁଜବଳଙ୍କ ଗଳାରେ ମାଳା ପକାଇ ଦେଇ ପଛକୁ ଘୁଞ୍ଚିଯିବା )

ଭୁଜବଳ – (କନକାଙ୍କ ମୁଖ ଦେଖି-ସ୍ୱଗତ)

ଏକି ପୂର୍ଣ୍ଣ ସୁଧାକର
ବାହୁ ଭୟେ ଗଗନରୁ ପଡ଼ିଅଛି ଖସି
ନା, ନା, ସେତ ହରିଣ ଲାଞ୍ଛନ
ଏତ ନିଟୋଳ ବିମଳ ଆଦର୍ଶ ।
ଲାବଣ୍ୟ ସରରେ ବିକଚ ସରୋରୁହ ଏହି
ମଧୁ ଆଶେ ମଧ୍ୟେ ଖେଳେ ମଧୁପ ଦମ୍ପତି
ରାଗେ ଗର୍ଭପଦ୍ମ ତୁଲ୍ୟ ରାଜେ ରଦଚ୍ଛଦ
କିଏ ଏ ରମଣୀରତ୍ନ କିଂପା ମୋର କଣ୍ଠେ
ଅର୍ପିଲା ହାର ଅଥବା କୁଳିଶ ପ୍ରହାର
ମାଳାର ପରଶେ
ବହେ ଧମନୀରେ ମୋର ତଡ଼ିତ ପ୍ରବାହ
ପରିଚୟ କିଏ ତୁମ୍ଭେ ? ନୁହେଁ ସମୁଚିତ

ଲୀଳା – (ହାତଯୋଡ଼ି) ମଦନ ଠାକୁର ଆମ୍ଭ ଜେମାକୁ ଅଳ୍ପଦିନରେ ଗୋଟିଏ ଭଲ—

( କନକା ଲୀଳାର ପାଟି ବୁଜିବା )

କାଞ୍ଚନ—(ଜନାନ୍ତିକେ) ନିଜର ମନ ହେଉଥିବ ଏହି ମୋର ବର ହୁଅନ୍ତେ କି, ଆଉ ଜଣେ ବର ମାଗିଲାବେଳକୁ ଲଜ ମାଡଉଛି !

କନକା—ଯା ଯା ମୁଁ ତୁମ୍ଭମାନଙ୍କ କଥା ଶୁଣିବି ନାହିଁ, ଯିବା ଆସ (ସ୍ୱଗତ) ଯିବାକୁ ପାଦତ ଚଳୁନାହିଁ ।

ଭୁଜବଳ—କନ୍ୟାଗଣ, ତୁମ୍ଭେ କି ମୋତେ ମଦନ ମନେକରି ମାଳା ଦେଉଛ ।

ମାଧବୀ—ହଁ ।

ଭୁଜବଳ—ନା, ନା, ମୁଁ ତାହା ନୁହେଁ, ଜଣେ ସାମାନ୍ୟ ମାନବ ।

ଲୀଳା—ଆପଣ କିଏ ? ଏ ସ୍ଥାନକୁ ଆସିବାର କାରଣ କ'ଣ ?

ଭୁଜବଳ—ମୋର ଜନ୍ମଭୂମି ବହୁ ଦୂରରେ, ବର୍ତ୍ତମାନ ମୁଁ ସୌଦାଗରଙ୍କ ଗୃହରେ ଆଶ୍ରୟ ନେଇଛି, ମୃଗୟା କରିବାକୁ ଯାଇ ଫେରିଆସିଛି ।

କାଞ୍ଚନ—ଆମ୍ଭର ଘରେ ଅଛନ୍ତି ।

ଭୁଜବଳ—ତୁମ୍ଭେମାନେ କ'ଣ ତାଙ୍କର କନ୍ୟା ?

ମାଧବୀ—(କନକାଙ୍କୁ ଦେଖାଇ) ଏହି ତାଙ୍କର କନ୍ୟା, ଆମ୍ଭେମାନେ ଏହାଙ୍କ ସହଚରୀ ।

ଭୁଜବଳ—ତାଙ୍କ ଘରେ ଏପରି ଅମୂଲ୍ୟ ରତ୍ନ ଅଛି ।

ମାଧବୀ—ଆପଣ କ'ଣ ଜାଣନ୍ତି କେବଳ ରଜାଙ୍କ ଘରେ ରତ୍ନ ଥାଏ, ତାହା ନୁହେଁ । ସାତ ତାଳ ଗଭୀର ପାଣି ଭିତରେ ଆଉ ଖଣି ଭିତରେ ରତ୍ନ ଥାଏ ।

କନକା—ଚାଲ ଯିବା ଚାଲ ।

ଲୀଳା—ଏ କଥା, ଭିତରୁ ବାହାରୁଛି ନା ବାହାରୁ ।

କନକା—ତୁମେମାନେ ଥାଅ, ମୁଁ ଯାଉଛି (ଅଗ୍ରସର ହେବା)

ମାଧବୀ—(ହାତ ଧରି) ରହ ରହ ଅନୁମତି ନ ନେଇ କପରି ଯାଉଛ ।

କନକା—କାହାର ।

ମାଧବୀ—ଯାହାଙ୍କ ଗଳାରେ ମାଳା ଦେଇଛ, ତାଙ୍କର ।

କନକା—( ବକ୍ରଭାବେ ଭୁଜବଳଙ୍କୁ ଚାହିଁ ) ତୁ ଦେଇଛୁ, ମୁଁ ଦେଇନାହିଁ ।

ଲୀଳା—(ଜନାନ୍ତିକେ) ଏଭଳି ସୁନ୍ଦର ବର ପାଇବ, ବରଣ କରି ପଳେଇ ଯାଉଛ, ଏ କମିତିକା କଥା ?

କନକା—ମାଧବୀ ଲୋ ମୋ ହାତ ଛାଡ଼, ମୁଁ ଏସବୁଡ଼ାକ ଶୁଣିବି ନାହିଁ (ସ୍ୱଗତ) ଏହି ସ୍ୱରଗ ଦେବତାଙ୍କୁ ପାଇବା କପାଳ ମୋର ନୁହେଁ ।

କାଞ୍ଚନ—ଭଦ୍ର । ଆମ ଜେମା ନ ଜାଣି ଆପଣଙ୍କୁ ମାଳା ଦେଇଛନ୍ତି, ରାଗ କରିବେ ନାହିଁ

ଭୁଜବଳ—ଏଥିରେ ରାଗ କରିବାର କ'ଣ ଅଛି ।

କନକା—ସବୁ କାହିଁକି ବିଳମ୍ବ କରୁଛ ମୁଁ ଯାଉଛି (ପ୍ରସ୍ଥାନ) (ସଖି ଦ୍ୱୟର ଅନୁଗମନ )

ଭୁଜବଳ—(ସ୍ୱଗତ) ଅସାମାନ୍ୟ ରୂପବତୀ ସୌଦାଗର କନ୍ୟା

ଦେଖା ମାତ୍ର ମୋ ଚିତ୍ତକୁ କଲା ଅଧିକାର
କି ରୂପେ ମୁଁ ଭାବାନ୍ତର କରିବି ଗୋପନ
ଅନ୍ତରର ସନ୍ତାପ ମୋର ଜଳେ ଦାଉ ଦାଉ
ସ୍ରୋତସ୍ୱତୀ ଜଳ ସ୍ନାତ ଧୀର ବକୁଳ ସୁରଭି
ସମୀରଣେ ଶାନ୍ତ ଆଉ କରଇ ଅଧିକ
ହେବ ବା କପରି ଏ ଯେ ଆନ୍ତରିକ ତାପ
ଉହା ଉପରେ କୁଳାଳ ଦଉ ପଙ୍କ ଲେପ

ତାପଶାନ୍ତ ହେତୁ ନୁହେଁ ଅତ୍ୟନ୍ତ ବର୍ଦ୍ଧକ
ଚତୁର୍ଦ୍ଦିଗେ ଦିଶେ ସେହି ରମଣୀର ମୂର୍ତ୍ତି
ସ୍ୱପ୍ନ କିବା ମାୟା ମୋତେ ନ ପଡ଼ଇ ଜଣା
ଯାଉଛି ଶୋଇପଡ଼ିବ ପିବ ବା ପୋସୋର ।

(ପ୍ରସ୍ଥାନ)

୩ୟ ଅଙ୍କ—୪ର୍ଥ ଦୃଶ୍ୟ (ରାଜପଥ)

କରୁଣି ପାଣି—(ପ୍ରବେଶ କରି) (ସ୍ୱଗତ) ଦେଖ ସୌଦାଗରଟାର କେଡ଼େ ଗାରିମା, ଆମ୍ଭପରି ଦିଗ୍‌ଗଜ ପଣ୍ଡିତ ଥାଉ ଥାଉ ଗୋଟାଏ ବିଦେଶୀ ବ୍ରାହ୍ମଣକୁ ପଣ୍ଡିତ କରି ରଖିଛି । ତା'ସାଙ୍ଗରେ ଆଉ ଗୋଟାଏ ତ ପେଷଛି । ଶ୍ରାଦ୍ଧରେ ଦ୍ୱିର-ପାଞ୍ଚ ଗଣ୍ଡାରୁ କଉଡ଼ାଏ ଅଧିକ ଦେବ ନାହିଁ । ବିଦେଶୀଙ୍କପାଇଁ କାହାଣ କାହାଣ ଉଡ଼େଇ ଦେଉଛି । ହଉ ସେ ଭଲ ମିଳିଛି, ଭସା ଝିଅକୁ ଭଯା ଅବଧାନ, ଆଜ ମୋତେ କହିଛି ମୁଁ ରାଜାଙ୍କୁ ବୁଝେଇବି, ତାହାର ତେଜରେ ପିନା ହେଁ ମାରି-ଦେଲି, ରଜା ପାଖକୁ ଯାଉଛି କିଏ, ସେଠାରେ ସେଇଁ ରତନା ବେବର୍ତ୍ତା ଅଛି, ସେ ମୋତେ ପିଟି ପକେଇବ, ସୌଦାଗର ମତରେ ରଜାଟା ଅଧର୍ମ କରୁଛି. ଆଜ ଏହି ସୁଯୋଗରେ ସୌଦାଗର ଧନ-ମଦ ଛଡ଼େଇ ଦେବି (ନେପଥ୍ୟକୁ ଚାହିଁ) ଶ୍ୟାମା କଳାପାହାଡ଼ ଆସୁଛି ତାହାରଦ୍ୱାରା ସହପାତ କରିବିଏଁ ।

ଶ୍ୟାମା—(ପ୍ରବେଶ କରି) ନନା, ଦଣ୍ଡବତ ।

କରୁଣି—କଲ୍ୟାଣ ହେଉ, ଆରେ କଳାପାହାଡ଼ ତୁ କୁଆଡ଼େ ଯାଉଛୁ, କୁଆଡେ଼ ଆସୁଛୁ । ତୋ ସଙ୍ଗରେ ଅନେକ ଦିନରୁ ଦେଖାହୋଇନାହିଁ ।

ଖିମା—ମଫସଲ ଫେରିବା କାମରେ ତ ମୋର ଫୁରୁସତ ନାହିଁ ଦେଖିବ କେଉଁଠୁ ?

କରୁଣି—ତୁ ବୁଲି କ'ଣ କରୁ ।

ଖିମା—କାହାର ଭଲ ଗାଈଟା ବଳଦଟା ଅଛି, କାହାର ସୁନ୍ଦର ଝିଅ ବହୁ ଅଛି, ଏ ସବୁର ଅନୁସନ୍ଧାନ ଆଉ କ'ଣ !

କରୁଣି—ସେ ସବୁ ରଜାଙ୍କୁ ଦେଇଯାଆନ୍ତି ।

ଖିମା—ନନା, ବାପୁ ହେଇଚ, କାହାର ଭଲ ଜିନିଷକୁ କେହି ସହଜରେ ପରକୁ ଦିଏ ।

କରୁଣି—ଆଉ ?

ଖିମା—ତିନି ଚାରିଜଣ ପୁଆଲ ଆଣି ଧରି ନେବାକୁ ହୁଏ ।

କରୁଣି—(ସ୍ୱଗତ) ତେବେ ମୋ ଇଚ୍ଛା ସହଜରେ ସିଦ୍ଧ ହେବ (ପ୍ରକାଶ୍ୟେ) ଆରେ ତୋର ତ ଅନେକଗୁଡ଼ିଏ କୁଟୁମ୍ବ, ଚଳୁ କିପରି ?

ଖିମା—ନନା, ମୋର କିଛି ଅଭାବ ନାହିଁ, ମୋ ହାତକୁ ତ ତିନି-ଜଣ ଚାହିଁଛନ୍ତି ।

କରୁଣି—ଚାକିରି ବିନା ତୋର କି ରୋଜଗାର ଅଛି ।

ଖିମା—ପିଆଦାଗିରିକି ବେପାର ଶିରି ସରି ନୁହେଁ ।

କରୁଣି—କିମିତି ?

ଖିମା—ବେପାରୀ ଜିନିଷ କିଣିବ, ତାକୁ ବିକିବ, ତେବେ ଯାଇଁ ପଣେ ଗଣ୍ଡାଏ ଲାଭ କରିବ । ପିଆଦା ତ ଗାଁକୁ ଗଲେ କଉଡ଼ି । ମୁଁ ପୁଣି ରଜାଙ୍କ ପିଆଦା, ଏଥିରେ ଆଉ ପଚାରିବାକୁ ଅଛି !

କରୁଣି—ଲୋକେ ତୋତେ ଡରି କଉଡ଼ି ଦିଅନ୍ତି ।

ଖିମା—ମୋତେ ଦେଖିଲେ ଅନେକଙ୍କର ପିଚ୍ଛିଲି ପାଣି ହୋଇଯାଏ ।

କରୁଣି—ଓରବା ଲୋକେ କିଛି କିଛି ଦଅନ୍ତି ।

ଖିମା—କେବଳ ସହଜରେ କଉଡ଼ି ଦିଏ ।

କରୁଣି—ଆଉ କ'ଣ ମାରି କରି ନଉ ।

ଖିମା—ନା, ଯାହାର ଭଲ ପଦାର୍ଥ ଥିବାର ଶୁଣେ, ତାହାର ଦ୍ୱାରେ ପହଞ୍ଚି ଯାଏ, ଦପଦ କଡ଼ା ହୃଦ ହାକିଲ ମାତ୍ରକେ କଉଡ଼ି ବାହାରି ପଡ଼େ ।

କରୁଣି—ତା'ପରେ !

ଖିମା—ସେଠାରୁ ଅନ୍ୟ ସ୍ଥାନକୁ ଯାଏ ।

କରୁଣି—ତେବେ ତ ମୁଁ ତୋତେ ଗୋଟିଏ ରୋଜଗାର ଯୋଗେଇ ଦେଇପାରିବି ।

ଖିମା—କି ରୋଜଗାର ?

କରୁଣି—(ଖିମା କାନରେ କହି) ଭଗ ସୁନ୍ଦର ।

ଖିମା—ନା, ସେ ହୋଇପାରିବ ନାହିଁ ।

କରୁଣି—କାହିଁକି ?

ଖିମା—ସେ ରଜାଙ୍କର ବଡ଼ ପ୍ରିୟ, ତାଙ୍କଲାଗି ରଜାଙ୍କର ତିନିଖଣ୍ଡ ନବାଇତ ଚଳୁଛି ।

କରୁଣି—ଆରେ ସେ ପରା ରଜାଙ୍କର । ତା ନ ହେଲେ ମୁଁ ତୋତେ କହିଥାଆନ୍ତି କି ? (କାନରେ କହିବା)

ଖିମା—ତେବେ ସେ ଲୋକଟା ବଡ଼ ଜୁଆଚୋର ।

କରୁଣି—ଏଥିରେ କ'ଣ ଭୁଲ ଅଛି ?

ଖିମା—ମୁଁ ଯାଉଛି ରଜାଙ୍କୁ ଜଣାଇବି । ଆଜ୍ଞାପତ୍ର ଆଣି ତା ଦୁଆରକୁ ଯିବି ।

କରୁଣି—ମୁଁ ମଧ୍ୟ ରଜାଙ୍କୁ ଦେଖା କରିବାକୁ ଯିବି ।

ଖିମା—ଭଲ ହେଲା, ସାଙ୍ଗ ହୋଇ ଯିବା, ଆସ ।

(ଉଭୟଙ୍କର ପ୍ରସ୍ଥାନ)

## ୪ର୍ଥ ଅଙ୍କ—୧ମ ଦୃଶ୍ୟ

### ସ୍ଥାନ—ଉପବନ

( ରାଜା ଓ ଦେବଦତ୍ତ ଉପବନ୍ତ ପାଖରେ ବାସ୍ତା ସଞ୍ଜାଣ ଦଣ୍ଡାୟମାନ )

ରାଜା—ଦେବଦତ୍ତ ! ଆଜ ସେମାନେ ବିଳମ୍ବ କରୁଛନ୍ତି କାହିଁକି ରାତିତ ଦୁଇ ଘଡ଼ି ହେଲାଣି ।

ଦେବଦତ୍ତ—ବେଶଭୂଷା ସରିଲେ ଆସିବେ ।

ରାଜା—ସେମାନଙ୍କୁ ଯାହା ଦିଆଯାଇଛି, ତାହା ତାଙ୍କ ନାଟର ଉପଯୁକ୍ତ ନୁହେଁ, ଆଜ କଛୁ ବେଶୀ ପହଳ ଦେବାର ଯୋଗାଡ଼ କର ।

ଦେବଦତ୍ତ—ଗତବର୍ଷ ମାଗଣରୁ ଯାହା ମିଳିଥିଲା, ସେସବୁ ନର୍ତ୍ତକୀମାନଙ୍କୁ ଦିଆଯାଇଛି । ବର୍ତ୍ତମାନ ଭଣ୍ଡାରରେ କଡ଼ାଏ ନାହିଁ, ଅଧିକ ଯୋଗାଡ଼ କପରି ହେବ ।

ରାଜା—[ଗ୍ରକ] ସଞ୍ଜାଣ । ତୁ ନଅରକୁ ଯାଅ । ସାନରାଣୀଙ୍କୁ କହିବୁ ସେ ତାଙ୍କ ଗହଣା ବାକ୍ସ ଦେବ । ସେ ସବୁ ନୂଆ ରକମରେ ତିଆରି ହେବ ।

ସଞ୍ଜାଣ—ଯେ ଆଜ୍ଞା [ପ୍ରସ୍ଥାନ] ।

ଦେ. ଦ—ଏଟାରେ ନୂଆ ରକମରେ କରିବାର କଣିଆ କାହାକୁ ?

ରାଜା—ସେ କ'ଣ ସତରେ ଗଢ଼ାଯିବ ? ବିଦାଙ୍କ ହେବ ।

ଦେବଦତ୍ତ—ରାଣୀ, ମଟେଇଲେ କ'ଣ କହିବେ ।

ରାଜା—ସେ କଥା ପରେ ସ୍ଥିର ହେବ, ଆଗ ମହତ ରଖିବା ଉଚିତ ।

ସଞ୍ଜାଣ—(ବାକ୍ସ ହସ୍ତେ ପ୍ରବେଶକରି) । ସେ କହୁଛନ୍ତି ଏହାର ଚାବି ଗୁମୁରେ ଅଛି ।

ରାଜା – [ସ୍ୱଗତ] ସୁଯୋଗ ଘଟିଛି, ମୋର କୌଶଳ ସେ କେବେ ବୁଝି ପାରିବେ ନାହିଁ । [ପ୍ରକାଶ୍ୟେ] ସଞ୍ଜାଣ ଦୁଇ ତିନଟା ମାଟିଗୁଳା ଆଣ ।

ସଞ୍ଜାଣ – ଯେ ଆଜ୍ଞା [ପ୍ରସ୍ଥାନ ]

ରାଜା—[ବେବର୍ତ୍ତାଙ୍କୁ ଚାବି ଦେଇ] ଏହା ଭିତରୁ ଗହଣା ସବୁ ବାହାର କରି ଘୋଡ଼େଇ ରଖ, ସଞ୍ଜାଣର ଅଦୃଷ୍ଟିରେ ଗୁଳାକୁ ତା' ଭିତରେ ରଖି ବନ୍ଦ କରିଦିଅ ।

ବେବର୍ତ୍ତା—ଏହାର କାରଣ ?

ରାଜା—ପରେ କହିବି ।

ସଞ୍ଜାଣ—(ମାଟିଧରି ପ୍ରବେଶ) ହେଉ ଗୁଳା ଆଣିଲି ।

ବେବର୍ତ୍ତା—ମୋ ପାଖରେ ରଖି ନର୍ତ୍ତକୀମାନଙ୍କୁ ଡାକିଦିଅ ।

ସଞ୍ଜାଣ – ଯେ ଆଜ୍ଞା (ଯାଉ ଯାଉ ସ୍ୱଗତ) ଡେରି ହେଲାଣି ବୋଲି ତାଙ୍କୁ ଏହା ଫୋପାଡ଼ିବେକି ? (ପ୍ରସ୍ଥାନ) ।

ରାଜା – ମାଟିକୁ ବାକ୍ସରେ ପୂରେଇ ମୋତେ ଚାବି ଦିଅ । (ବେବର୍ତ୍ତାର ତଥା କରଣ ) ।

ସଞ୍ଜାଣ – (ନର୍ତ୍ତକୀଗଣ ସହ ପ୍ରବେଶକରି) । ଆଜ୍ଞା ହେଇ ସେମାନେ ଆସିଲେ ।

ରାଜା—ତୁ ବାକ୍ସ ରାଣୀଙ୍କୁ ଦେଇ କହିବୁ କଞ୍ଚି ହଜିଛି । ପରେ ଅନ୍ୟ କଞ୍ଚି ଅଣାଇ ଖୋଲିଯିବ ।

ସଞ୍ଜାଣ – ଯେ ଆଜ୍ଞା (ବାକ୍ସ ନେଇ ପ୍ରସ୍ଥାନ) ।

ବେବର୍ତ୍ତା—ଏବେ ସବୁ ବୁଝି ପାରିଲି । ଗୁମୁ କେବଳ ନାମରେ କୁବେର ନୁହନ୍ତି; ବୁଦ୍ଧିରେ ବି କୁବେର ।

ରାଜା—ଦେଶକାଳପାତ୍ର ଏ ସବୁ ଦେଖିତ କାମ କରିବାକୁ ହେବ ।
ବେବର୍ଣ୍ଣ—ଆଜ୍ଞା ତା' ନ କଲେ କି ଚଳିହେବ !
ରାଜା—ଏବେ ନୃତ୍ୟ ଗୀତ ହେଉ ।

ନର୍ତ୍ତକୀଗଣର ନୃତ୍ୟ ଗୀତ ।

(ଆଜ) ଭୁଲନା ମଧୁପ ସୁନା କେତକୀରସେ
ଯୋଗ୍ୟ ନୋହୁ ସେ ଦେବତା ଭୋଗ୍ୟ ପରଶେ ।
ସାହସେ ପ୍ରବେଶ କଲେ ତା'ର କଣ୍ଟକେ
ପକ୍ଷ କ୍ଷତ ହେବ ଲକ୍ଷ ଲକ୍ଷ କଣ୍ଟକେ ।
ପରାଗ ପୂର୍ଣ୍ଣ ନୟନେ ଅବସ୍ଥାନ ପଳାୟନେ
ଶଙ୍କାରେ ଲଭିବୁ ନାହିଁ ଶତ ବରଷେ ।୧।
ପରିଣାମ ଭାବ ଦୂରେ ତେଜ ଦୁରାଶା
ପୁଷ୍ପାନ୍ତରେ ଶାନ୍ତ ଭଜୁ ପ୍ରେମ ପିପାସା
ଅହରହ ମଧୁପାନେ ମାତ ଗୁଣୁ ଗୁଣୁ ଗାନେ
ବିକଶିତ ତାମରସେ ରମ ହରଷେ ।୨।

ରାଜା—ବାଃ ବାଃ (ବେବର୍ଣ୍ଣ କୁ ଚାହିଁ) ଏବେ ଏମାନଙ୍କୁ ବିଦାୟ ଦିଅ ।
ବେବର୍ଣ୍ଣ ଯେ ଆଜ୍ଞା (ଅଳଙ୍କାର ପୁଟୁଳା ପ୍ରଦାନ) ।
ନର୍ତ୍ତକୀଗଣ—ଦାସୀଙ୍କଠାରେ ପ୍ରଭୁଙ୍କର ଏହିପରି ଅନୁଗ୍ରହ ଥାଉ (ପ୍ରସ୍ଥାନ) ।
ରାଜା—କଳାପାହାଡ଼ ସୌଦାଗରକୁ ଆଜ ତା' ସଙ୍ଗେ ଥିବା କ୍ଷତ୍ରିୟ ପିଲାକୁ ଆଣିବାକୁ ଯାଇଛୁ ।
ବେବର୍ଣ୍ଣ—ତାକୁ ଆଣିବ—ବୀର ମହାରଥୀ ପ୍ରଭୁଙ୍କୁ ଆଣିବ ।

ରାଜା—ସେ ବଡ଼ ସାନମାନଙ୍କୁ ଆଣିବାର କାରଣ ?

ଦେବଗର୍ଭ—ସେମାନେ ଅବଧି ଗତ ବର୍ଷର ନାଚ ମାଗଣ ଦେଇ-
ନାହାନ୍ତି ।

ରାଜା—ଭଲ କରିଛ । ତାଙ୍କର ଆଗରେ ସୌଦାଗର ଦଣ୍ଡ
ପାଇଲେ ସମସ୍ତଙ୍କର ଚେତା ପଶିବ । ଭଲ ରାତି ବେଶୀ
ହେଲାଣି ପଦ୍ମଗନ୍ଧା ।

(ଉଭୟଙ୍କର ପ୍ରସ୍ଥାନ)

### ୪ର୍ଥ ଅଙ୍କ—୨ୟ ଦୃଶ୍ୟ

ସୌଦାଗରଙ୍କ ଗୃହ

(ସୌଦାଗର ପାଦଚାରଣ କରୁ କରୁ)

ସୌଦାଗର—(ସ୍ୱଗତ) ମୂର୍ଖଙ୍କୁ ଉପଦେଶ ଦେଲେ ସେ ତପ୍ତ
ତୈଳରେ ଜଳବିନ୍ଦୁ ପଡ଼ିବା ତୁଲ୍ୟ ଜଳି ଉଠେ । କିନ୍ତୁ ଶାନ୍ତ
ହୁଏ ନାହିଁ । ମୁନିଜନଙ୍କର ଏହିକଥା ଅକ୍ଷରେ ଅକ୍ଷରେ ସତ୍ୟ ।
ମୁଁ ପୁରୋହିତଙ୍କ ଦ୍ୱାରା ରାଜାଙ୍କୁ ଅଧର୍ମରୁ ନିବୃତ୍ତ ହେବା ଦୂରେ
ଥାଉ, ମୁଁ ତାର ବୋଇତରେ କନ୍ୟା ପାଇ ଆଣି ତାକୁ ଦେଇ
ନାହିଁ—ଆଉ ତାର ବିନାଅନୁମତିରେ ଜଣେ କ୍ଷତ୍ରିପୁତ୍ରକୁ
ଘରେ ରଖିଛୁ । ଏହି ଦୋଷରେ ସେ ମୋର ଓ କ୍ଷତ୍ରିପୁତ୍ରର
ପ୍ରାଣଦଣ୍ଡ ଆଦେଶ ଦେଇଛି । ପ୍ରକୃତରେ ଦୁଷ୍ଟଲୋକ ଉପ-
କାରରେ ଶାନ୍ତ ନ ହୋଇ ଅପକାରରେ ଶାନ୍ତ ହୁଏ ।
ବର୍ତ୍ତମାନ ପ୍ରଜାବୃନ୍ଦ ଯେଉଁ ନେମକ କରିବାକୁ ଇଚ୍ଛା କରୁଛନ୍ତି,
ତାହା ଅନୁଚିତ ନୁହେଁ । ଆଜ ତାର କେଡ଼େ ସାହସ ।
ମୋତେ ଏବଂ ଭୁଜବଳଙ୍କୁ ମାରି ମୋର କନ୍ୟାରତ୍ନକୁ—ଓଃ
ଏ ବିଷୟରେ ଟିକିଏ ଲଜ୍ଜା ବା ଭୟ ନାହିଁ । ସାଧାରଣଙ୍କ

ଘରୁ ଝିଅ ବୋହୂଙ୍କୁ ଧରେଇ ଆଣିବାରେ ମୁହଁ ବାଡ଼ି ଯାଇଛୁ । ଶୀଘ୍ର ଏହାଙ୍କୁ ଉଚିତ ଶିକ୍ଷା ଦେବାକୁ ହେବ ।

ରମା—(ପ୍ରବେଶ କରି) – ତୁମେ ତ ସର୍ବଦା ବୋଇତ ବୋଇତ ଭାବିଲ, ସେ କଥା ବୁଝିଲ ନାହିଁ ।

ସୌଦାଗର – (ହସି) କିହେ ପ୍ରିୟେ । କି କଥା ।

ରମା—ଯା' ତାହା କି ପାଶୋରିଲଣି ଆଉ କ'ଣ କହିବି ।

ସୌଦାଗର—ପ୍ରିୟେ ବିରକ୍ତ ହୁଅ ନାହିଁ । ମୁଁ ବର୍ତ୍ତମାନ ଗୋଟାଏ ବିଷୟରେ ଅନ୍ୟମନସ୍କ ଥିଲି । ସ୍ମରଣ କରେଇ ଦିଅ ।

ରମା – ମୋର ଜେମା କଥା ବିନା ଆଉ କଣ କହିବାର ଅଛି । ସେ ଯୋଗ୍ୟ ହୋଇ ବରଷେ ହେଲା ରହିଲା, ତାଲାଗି ମୋ ଆଖିରେ ନିଦ ନାହିଁ, ତୁମେତ ଶୁଣି ପାରୋନୁଛ ! ଆଉ କାହାକୁ କହିବି ।

ସୌଦାଗର – (ସ୍ୱଗତ) ରାଜଗୁରୁଙ୍କ ଆଦେଶରେ ମୁଁ ସେ ସମ୍ବନ୍ଧ କଥା ଗୋପନ ରଖିଥିଲେବି ରଜା ଶଙ୍କା କରି ଭୁଜବଳଙ୍କୁ ସୁଦ୍ଧା ମୋ ସଙ୍ଗରେ ମାରିବାକୁ ଇଚ୍ଛା କରିଛି । ସ୍ତ୍ରୀଙ୍କ ପେଟରେ ତ କଥା ପଚେ ନାହିଁ । ଏ ଯେବେ ସିଦ୍ଧାନ୍ତ ଶୁଣିବେ-ତେବେ ଦୁଇ ଦିନରେ ରାଜ୍ୟଯାକ ବ୍ୟାପିଯିବ । ଏହା ଶୁଣିଲେ ରଜା ସସୈନ୍ୟରେ ଉପସ୍ଥିତ ହେବ । ସେତେବେଳେ ମୁଁ ହତାଶ ହୋଇ ପଡ଼ିବି ।

ରମା – ତୁନହୋଇ ରହିଲ ଯେ ?

ସୌଦାଗର – ମୁଁ କଥା ସ୍ଥିର କରିଛି ।

ରମା – କ'ଣ ।

ସୌଦାଗର – ଜେମା ଗୋଟିଏ ରଜାର କନ୍ୟା, ତାଙ୍କୁ ଜଣେ ରଜାଙ୍କୁ ପ୍ରଦାନ କରିବି ।

ରମା – (ଜନାନ୍ତିକେ) ଆଲେମା, ମୁଁ ତ ଯାହା ଶୁଣିଲି ସେ କଥା ସତ;

ସୌଦାଗର – କ'ଣ ଶୁଣିଲ ?

ରମା – କଳା ପାହାଡ଼ ହାତରେ ବାର୍ତ୍ତା ଦେଇଛ ଜେମାକୁ ରାଜାକୁ ଦେବ ।

ସୌଦାଗର – ଜେମାତ ରାଜାଝିଅ, ରାଜାଙ୍କୁ ବିବାହ କରିବ, ଏଥିରେ ମନ୍ଦ କଣ ।

ରମା – କି କଥା କହୁଛ, ଘଣାପେଲା ତେଲି ଗୋଟାଏ ରାଜା, ହଉ ତୁମେ କ'ଣ କରୁଛ କର, ମୁଁ ଯାଉଛି ଜେମାକୁ କାଖେଇ ନଈକି ଡେଇଁ ପଡ଼ିବି ।

(ଗମନୋଦ୍ୟତ)

ସୌଦାଗର—(ରମାଙ୍କ ହାତ ଧରି) ରହ, ରହ ମୋ କଥା ଶୁଣ ।

ରମା—ଛାଡ଼ ଛାଡ଼, ଆଉ ଶୁଣିବି କ'ଣ, ଯାହା ଶୁଣିବାର ଶୁଣିଲି ।

ସୌଦାଗର—ପ୍ରିୟେ ମୁଁ କି ଏଡ଼େ ଅଜ୍ଞ ଯେ, ତୁମ୍ଭଙ୍କୁ ଏକଥା କହୁଛି, ସେ କିଛି ଜାଣି ନାହିଁ, ବର୍ଷକ ପରେ ସବୁ ଦେଖିବ, ବର୍ତ୍ତମାନ ତୁନି ହୋଇ ରହ ।

ନେପଥ୍ୟେ—ସୌଦାଗର ଘରେ ଅଛନ୍ତି ?

ସୌଦାଗର—କିଏ ସେ ।

ନେପଥ୍ୟେ—ମୁଁ ନବୀନ ସ୍ୱାଇଁ ।

ସୌଦାଗର—ପ୍ରିୟେ ଭିତରକୁ ଯାଅ, ମୁଁ ଠାକୁରଙ୍କ ଦ୍ରବ୍ୟ କୁକୁରକୁ ଦେବି ନାହିଁ, ଏ ମୋର ପ୍ରତିଜ୍ଞା ।

ରମା—ହଉ ଯାଉଛି (ପ୍ରସ୍ଥାନ)

ସୌଦାଗର—(ନେପଥ୍ୟେ ଚାହିଁ) ନବୀନ ସ୍ୱାଇଁ ଆସ ।

ନବୀନ—(ପ୍ରବେଶ କରି) ଦଣ୍ଡବତ ।

ସୌଦାଗର—କାହିଁକି ଆସିଛ ?
ନଗ୍ନନ—ବଡ଼ ସାନ ସମସ୍ତେ ଆପଣଙ୍କୁ ଚାହିଁ ବସିଛନ୍ତି ।
ସୌଦାଗର—ହଉ ତୁମ୍ଭେ ଯାଅ, ମୁଁ ରାଜଗୁରୁଙ୍କ ସହିତ ଯାଉଛି ।
ନଗ୍ନନ—ଯେ ଆଜ୍ଞା । (ପ୍ରସ୍ଥାନ)
ସୌଦାଗର— ସ୍ୱଗତ) ଦେଖୁଛି ଅମ୍ଭେ ସମସ୍ତେ ଅଟିଷିତ, ଗଣ୍ଡାନକା ନ୍ୟାୟରେ ଏକତ୍ରିତ ହେଲେ ବି ରାଜଦ୍ରୋହୀ ହୋଇ ସ୍ଥିର ରହିବା ଅସମ୍ଭବ । ଏହାର ସମସ୍ତ ଉପାୟ କେବଳ ରାଜଗୁରୁଙ୍କୁ ଜଣା । ତେଣୁ ତାଙ୍କୁ ସଙ୍ଗରେ ନେବା ଏକାନ୍ତ ଉଚିତ । ଯାଏଁ ସେ ସଭାକୁ ଯିବେ କି ନାହିଁ ପଚାରେଁ । (ପ୍ରସ୍ଥାନ)

## ୪ର୍ଥ ଅଙ୍କ – ୩ୟ ଦୃଶ୍ୟ

### ସ୍ଥାନ—ମଧୁବନ

( ସଖୀବୃନ୍ଦ ସହିତ କନକାର ପ୍ରବେଶ )

କନକା – (ସ୍ୱଗତ) ସେହିଦିନରୁ ମୋତେ କୌଣସି ବିଷୟ ଭଲ ଲାଗୁ ନାହିଁ । ସବୁ ବିଷପରି ଲାଗୁଛି, ଯେଉଁ ଆଡ଼କୁ ଚାହୁଁଛି ସେ ଦିଗରେ ସେହି ସୁନ୍ଦର ମୁଖ ଦିଶିଯାଉଛି । ବେଳେ ବେଳେ ଦେହ ଭିତରେ ବିଜୁଳି ଚାଲିଯାଉଛି । ମନେ କରିଥିଲି ମଧୁବନକୁ ଗଲେ ଶାନ୍ତି ପାଇବି । କିନ୍ତୁ ଏଠାକୁ ଆସି ଅଧିକ ଯନ୍ତ୍ରଣା ଅନୁଭବ କରୁଛି । ଏ କ'ଣ ହେଲା, ଉପାୟ କ'ଣ ।
କାଞ୍ଚନ – ସଖି ! ତୁମେ ସବୁବେଳେ ଗୋଟାଏ କି ଭାବନା କରୁଛ ?
ଲୀଳା – ପଚାରିଲେତ ସେ କିଛି କହୁନାହାନ୍ତି, ତାଙ୍କୁ ପଚାରୁଛ କାହିଁକି ।

ମାଧବୀ—ହଁ ଗୋ, ସୁନା ଦେହ ଆସି ଚୂନା ହେବାକୁ ବସିଲାଣି ତଥାପି ତାଙ୍କର ଉତ୍ତର ନାହିଁ ।

କଞ୍ଚନ—କ ରୋଗ ହେଇଚ, ଜାଣିଲେ ସିନା ଔଷଧ ଦିଅନ୍ତେ ।

ମାଧବୀ—ମା ମା ପଚାରିଲେ, କିଛି ହୋଇନାହିଁ ବୋଲି କହୁଛନ୍ତି । ଦେଖିବାବେଳକୁ ବାସି ଫୁଲପରି ମଉଳି ଯାଉଛନ୍ତି । କେମା ତୁମର ଦେହ କଣ ହେଉଛି ।

କନକା—କଣ ହେଉଛି ମୁଁ ଯେବେ ଜାଣନ୍ତି, ତେବେ କହନ୍ତି ନାହିଁ କାହିଁକି, କେବଳ ମୋମନ ଅସ୍ଥିର ହେଉଛି ।

ଲୀଳା – କେବେଠାରୁ ଏପରି ହେଲାଣି ।

କଞ୍ଚନ—(ଜନାନ୍ତିକେ) ସେହି ଶିକାରୀଙ୍କୁ ଦେଖିବା ଦିନରୁ ।

କନକା – ମଦନ ପୂଜା ପରେ ।

କଞ୍ଚନ – ଶୁଣିଲ, ମୁଁ କ'ଣ କହୁଥିଲି ।

ମାଧବୀ—କଞ୍ଚନ ଆଗତ ପାଠ ପଢ଼ିଛି ।

ଲୀଳା—ଆଗୋ । କଣ୍ଟା ଅଙ୍ଗ ଗୋଡ଼ରେ ପଶିଲେ ମଣିଷ ସହି ପାରେ ନାହିଁ, କେମାଙ୍କ ହୃଦ ଭିତରେ ଗୋଟାଏ ବୀର ପଶିଚ, ଏଭଳି ଅସ୍ଥିର ନ ହେବେ କାହିଁକି ?

ମାଧବୀ—ଏ ମନରେ ତାକୁ କାହିଁକି ସ୍ଥାନ ଦେଲେ ?

ଲୀଳା—ଆଗୋ ! ବସନ୍ତରେ କେହି କୋଇଲିକୁ ତୁନି କରି ରଖି-ପାରେ କି ?

ମାଧବୀ—ସତ କଥା, ସବୁ ସମୟର ଦୋଷ ।

କଞ୍ଚନ—କେମା ଏତେ ଦିନ ହେଲା ଲୁଚେଇ ରଖିଛ କାହିଁକି ? ଆମ୍ଭେମାନେ କ'ଣ ତୁମ ବରଙ୍କୁ ଚୋରେଇ ନେଇ ଯାଉଛୁ ।

କନକା—ତୁମେମାନେ ଏଣୁ ତେଣୁ ଗୁଡ଼ାଏ କହନାହିଁ । ଭଅଁର ଗୁଡ଼ିକ କୁସୁମଚୁମ୍ବି ଗୀତ ଗାଉଥିବାର ଦେଖି ମୋ ଦେହ କ'ଣ ହୋଇଯାଉଛି, ମୋତେ ଧର ଧର । (ମୂର୍ଚ୍ଛିତା)

ସମସ୍ତେ—(ବିଞ୍ଚିବା, ଫୁଙ୍କିବା ଇତ୍ୟାଦି ଉପଚାର)

କନକା—(ସଚେତା ହୋଇ ଉଠି) ସଖିମାନେ ! ତୁମ୍ଭମାନଙ୍କୁ ରାଣ ଦେଉଛି, ଏ କଥା କେବେ ମାମାଙ୍କ ଆଗରେ କହିବ ନାହିଁ ।

ଲୀଳା—ତାଙ୍କୁ ଏହା ଅଜଣା ନାହିଁ, ଆଗରୁ ସେ ଯୋଗାଡ଼ କରି ସାରିଲେଣି ।

କନକା—(ସ୍ୱଗତ) ଛି ଛି କି ଲାଜରେ ମୁଁ ପଡ଼ିଲି । ମାମାଙ୍କ ମୁହଁକୁ ଚାହିଁବି କମିତ । (ପ୍ରକାଶ୍ୟେ) କି ଯୋଗାଡ଼ ।

ଲୀଳା – ତୁମ ରୋଗର ଔଷଧ ।

କନକା – ମୋରତ କୌଣସି ରୋଗ ହୋଇନାହିଁ ।

କଞ୍ଚନ—ହଉ ନ ହେଉ, ସେ ଔଷଧ କରି ରଖିଛନ୍ତି ।

କନକା – କି ଔଷଧ ?

ଲୀଳା —ଭୃଙ୍ଗବଳଆ ପାଚନ ।

କନକା—( ଅଧୋମୁଖୀ ହୋଇ ) । ଯା' ତୋର ସବୁ କଥାରେ ପରିହାସ, ମୁଁ କିଛି ଶୁଣିବି ନାହିଁ ।

ମାଧବୀ—ଆଗୋ କଞ୍ଚନ ! ଆଗୋ ଲୀଳା ! ମଦନ ଠାକୁରଙ୍କୁ ନ ଜଣେଇଲେ ସେ ଏହାଙ୍କୁ କଲବଲ କରିବେ । ଆଜ ତାଙ୍କୁ ଜେମାଙ୍କ ଦୁଃଖ ଜଣାଅ ।

ଗୀତ

ମାର ଆଉ ବାଉ ସାଧନା ହେ ।
ଯେବେ ଜନମ୍ଭୁ ଆରାଧନା ।
ଶାଣ ଦଆ ପଞ୍ଚଶାଣ ଫୁଲବାଣ ବାଜ ପରାଣେ
ସଖୀର ଉଡେ ଆଜ । ପଦ ।

ତନୁ ହୋଇଲାଣି ତନୂ ଦଶ୍ମିତନୁ
ନ ରୁଚେ ଉଚିତ ବସନ ଅଶନ
ସହି ପାରେ ନାହିଁ ସହି ଆରତ
ଲଭିବ କୀରତି ଯୁବଣ୍ଣ ବଧେ କସ ।୧।
ଭାବନାରେ ନିଦ ନ ଆସେ ନୟନେ
କୋକିଳ କାକଳୀ ଶୁଣି ବୁଡ଼େ ଚେତା
ପଲକେ ପଲକେ ଅଙ୍ଗ ପୁଲକେ
ଅଯଥା ଚମକେ ଥରେ ସେ ଥର ଥର ।୨।

କନକା — କଣେଇତ ସାରିଲ । ଏବେ ଘରକୁ ଯିବା ଚାଲ ।

(ସମସ୍ତଙ୍କର ପ୍ରସ୍ଥାନ)

## ୪ର୍ଥ ଅଙ୍କ—୪ର୍ଥ ଦୃଶ୍ୟ

ସ୍ଥାନ — ବର୍ତ୍ତମା ପ୍ରାନ୍ତ ପୋଖରୀ ହୁଡ଼ା

( ରାଜଗୁରୁ, ସୌଦାଗର ଓ ଛଅଜଣ ବଡ ସାନ ଉପବିଷ୍ଟ )

ଅଭି — ବୋଧହୁଏ ରଜାଙ୍କର ମତିଗତି ଫେରିଛି ।

ମାନ—କେମିତି ଜାଣିଲୁ ?

ଅଭି — ଉପଦେଶ ଦେଇ ସୌଦାଗର ମହାଶୟ ନିରାପଦରେ ଥିବାରୁ ।

ସପନ—ଏ ଗୋଟାଏ କି କଥା, ଅବଧାନ ନିରାପଦ ରହିଲେ ଚାଟ ଦୁଷ୍ଟାମି ଛାଡ଼ିଛି ବୋଲି ଜାଣିବ ।

ସୌଦାଗର—( ସ୍ୱଗତ ) ଏମାନେ କି ସମାଲୋଚନା କରୁଛନ୍ତି କରନ୍ତୁ, ପରେ ଯାହାଘଟିଛି କହିବ ।

ଅଭ—ଭାଇ, ଆଉଁସି ଦେବା ଲୋକକୁ ସାପଦଂଶନ ନ କର
ଯେପରି ଛାଡ଼େ ନାହିଁ; ସେହିପରି ଖଳ ବ୍ୟକ୍ତି ଉପଦେଷ୍ଟାର
ଅପକାର ନ କରି ଭିନ୍ନ ହୋଇ ରହେ ନାହିଁ । ଉପଦେଶ
ବର୍ତ୍ତମାନ ନଗରପଦ ଥିବାରୁ ରଜାର ମତି ବଦଳି ଯାଇଥିବାର
ଅନୁମାନ ହେଉଅଛି ।

ସପନ—ସେ ରୂପ ଅନୁମାନ କରାଯାଇ ପାରେ । ତେବେ ହାତରେ
ଶଙ୍ଖା ଥାଇଁ ଦର୍ପଣରେ କି ପ୍ରୟୋଜନ । ସୌଦାଗର ମହାଶୟ ତ
ଏଠାରେ ଉପସ୍ଥିତ ଅଛନ୍ତି, ଅନୁମାନର ଆବଶ୍ୟକ ନାହିଁ ।

ଖାର—ଆହେ, ଆମେତ ତାର ରାଜ୍ୟ ଛଡ଼େଇ ନେବାକୁ ଇଚ୍ଛା
କରୁ ନ ଥାଇ, ସେ ନିଜର ଅତ୍ୟାଚାର ଛାଡ଼ିଲେ ହେଲା ।
(ସୌଦାଗରଙ୍କୁ ଚାହିଁ ମହାଶୟ ! ଆପଣ ଛଅ ମାସ ପରେ
ବୁଝି କହିବେ ବୋଲି ଆମ୍ଭମାନଙ୍କୁ ମେଳରୁ ନିବୃତ୍ତ କରିଥିଲେ
କ'ଣ ବୁଝିବା ହେଲେ ।

ସୌଦାଗର—(ହାତ ଯୋଡ଼ି) ମୁଁ ତୁମ୍ଭମାନଙ୍କର କାର୍ଯ୍ୟରେ ବାଧା
ଦେଇ ବର୍ତ୍ତମାନ କ୍ଷମାର ପାତ୍ର ହୋଇଛି ।

ଖାର—କି ହୋ ! କଣ ଘଟିଲା କି ?

ବେଣୁ—ଅଭ ଭାଇଙ୍କ କଥା ଘଟିଥିବ । ଆଉ କଣ !

ସୌଦାଗର—ମୁଁ ପୁରୋହିତଙ୍କୁ ରାଜାଙ୍କ ନିକଟକୁ ପଠେଇଥିଲି ।

ଖାର—ତାର ପରେ ।

ସୌଦାଗର—ସେ ମୋ କଥା ଶୁଣିଲେ ନାହିଁ, ମୋତେ ଅଜଣା ।

ବୀର—କାରଣ ?

ସୌଦାଗର—ସେହି ଦିନଠାରୁ ପୁରୋହିତଙ୍କ ସହିତ ମୋର ଦେଖା
ନାହିଁ ।

ଖାର—ତାର ପର ।

ସୌଦାଗର—ଖିମା କଳା ପାହାଡ଼ ଆଜ୍ଞାପତ୍ର ଧରି ମୋ ପାଖରେ ଉପସ୍ଥିତ ।

ବୀର — କି ଆଜ୍ଞାପତ୍ର

ସୌଦାଗର—ହେଇ ଦେଖ (ଆଜ୍ଞାପତ୍ର ପ୍ରଦାନ)

ବୀର—ଭାଇମାନେ ସୌଦାଗରଙ୍କ ନିକଟକୁ ଦେଇଥିବା ଆଜ୍ଞାପତ୍ର ଶୁଣ ।

ସପନ—ପଢ଼ ।

ବୀର—(ପଠନ) ମାନେ ମାନଗୋବିନ୍ଦ ଦାନେ କର୍ଣ୍ଣରାଜା ଶ୍ରୀଶ୍ରୀ କୁବେର ସାହୁଙ୍କର ଲକ୍ଷ୍ମୀଗୁପ୍ତ ସୌଦାଗର ନାମେ ଭଲୁର । ଆମ୍ଭେ କରୁଣି ପାଣିଙ୍କଠାରୁ ଶୁଣିଲୁ ଯେ ତୁମ୍ଭେ ଆମ୍ଭ ବୋଇତରେ ପାଇ ଆଣିଥିବା ଗୋଟିଏ ସୁନ୍ଦରୀ କନ୍ୟାକୁ ଆମ୍ଭକୁ ନ ଦେଇ ଲୁଚେଇ ରଖିଛ । ଆହୁରି ଗୋଟାଏ କେଉଁ ଦେଶରୁ ଆସିଥିବା କ୍ଷତ୍ରିୟ ଟୋକାକୁ ଘରେ ରଖି ତାକୁ ସେହି କନ୍ୟାକୁ ଦେବାର ଚେଷ୍ଟାରେ ଅଛ । ଏହି ମହା ଅପରାଧରୁ ଆଜ ଦରବାରରେ ବିଚାର କରାଯାଇ ତୁମ୍ଭର ଓ ତୁମ୍ଭ ଘରେ ଥିବା କ୍ଷତ୍ରିୟ ଟୋକାର ପ୍ରାଣଦଣ୍ଡ ଆଦେଶ କରାଗଲା । କଳାପାହାଡ଼ ସଙ୍ଗରେ ଉଭୟେ ବଜ୍ରପୁରଗଡ଼ରେ ଶ୍ରାବଣ ଆଠ ଦିନ ମଙ୍ଗଳବାର ସକାଳେ ଉପସ୍ଥିତ ହେବ । ଅମାନ୍ୟ କଲେ ତୁମର ଘରେ ପୁଆଳମାନେ ଯାଇ ଶୂଳ ଦେଇ ଆସିବେ ।

(ଇତି)

ଅଭି—ଉପଦେଶର କି ରୂପ ଦକ୍ଷିଣା ଶୁଣିଲତ ?

ବୀର—କରୁଣି ପାଣି ଏହି ଆଜ୍ଞାପତ୍ରର ମୂଳ ହେତୁରୁ ଆପଣଙ୍କୁ ଦେଖା କରିନାହିଁ, ଜଣାଗଲା ।

ସୌଦାଗର – ପାଣି ବଡ଼ ଅବିଶ୍ୱାସୀ ଏବଂ ଚୂଗୁଲିଆ ।

ବୀର—ଏଥିରେ କି ସନ୍ଦେହ ଅଛି ? ତାପରେ କଣ କଲେ ।

ସୌଦାଗର – କଳା ପାହାଡ଼ଠ କାଶୀର ମହାଶ୍ମଶାନ ପରି ଜଳୁଛି, ତହିଁରେ ପୁଣି ରଜାଙ୍କ ମୁଠା ଆଙ୍କା ଆହୁତି ପାଇଛି, ତାର ଶାନ୍ତିପାଇଁ କିଛି ଭୋଗ ଦେଲି ।

ବୀର – ସେତିକରେ ଅଣ୍ଡ଼ା ହୋଇ ଫେରିଗଲା ।

ସୌଦାଗର—ନା, ନା ତାକୁ ବୁଝେଇ ସୁଝେଇ କହିଲି କନ୍ୟାଟିକୁ ମୁଁ ଝିଅ କରିଛି, ଉପଯୁକ୍ତ ହେଲେ ରଜାଙ୍କୁ ପ୍ରଦାନ କରିବି, ଯେଉଁ ପିଲାଟି ମୋ ଘରେ ଅଛି—ଚତୁର୍ମାସ୍ୟା ପରେ ସେ ତାର ସ୍ଥାନକୁ ଯିବ, ତୁମକୁ ପାଣି ମିଛ କଥା କହି ଉଠେଇ ଦେଉଛି, ତୁ ସବୁକହି ଅଣ୍ଡ଼ାକରି ଦେଲେ ଭଲ ପୁରସ୍କାର ପାଇବୁ । ଏହା କହିବାରୁ ଫେରିଗଲା ।

ବୀର – ଆପଣ ରଜାଙ୍କୁ କନ୍ୟା ଦେବାର ସ୍ଥିର କରିଛନ୍ତି ।

ସୌଦାଗର—ହଁ ।

ବୀର—ଅନ୍ୟାୟ କଥା ।

ସୌଦାଗର—ପୃଥିବୀରେ କ'ଣ ଏକା କୁବେର ସାହୁ ରଜା, ତାହା ନୁହେଁ ଅନେକ ଅଛନ୍ତି ।

ଅଭ – ଆପଣ କନ୍ୟାକୁ ନେଇ ପୃଥିବୀରେ କେଉଁଠି ରଜା ଖୋଜିବେ ।

ସୌଦାଗର—ପଦ୍ମ ମା ବିକଶିତ ହେଲେ ଭ୍ରମର ସ୍ୱେଚ୍ଛାରେ ତା ନିକଟରେ ପହଞ୍ଚିବ, ଖୋଜିବାର ଆବଶ୍ୟକ ପଡ଼ିବ ନାହିଁ ।

ସପନ—ତାହା ସତ୍ୟ, ରଜାର କଥାତ ସମସ୍ତେ ଶୁଣିଲ ଏବେ ଆମର କର୍ତ୍ତବ୍ୟ ସ୍ଥିରକର ।

ମାନ—ମେଳ ବିନା ଆଜ କି କାର୍ଯ୍ୟ ଅଛି ।

ଅଭି—ମେଳ କଲେ ଯୁଦ୍ଧ ନିଶ୍ଚୟ ହେବ, ଏଥିରେ ଆମ୍ଭମାନଙ୍କୁ ପ୍ରାଣ ଦେବାକୁ ପଡ଼ିବ, ଏଥିରେ ସମସ୍ତେ ରାଜିତ ?

ମାନ—ଯେଉଁ ଦିନତ ହେଉ ମରିବାକୁ ହେବ, କିଛି ଥାଉଁ ଥାଉଁ ମାନ ମର୍ଯ୍ୟାଦା ହରେଇବା କାହିଁକି !

ବେଣୁ—ପାଠ କହୁଛି "ବୃଦ୍ଧସ୍ୟ ବଚନଂ ଗ୍ରାହ୍ୟ ମାପଦ୍କାଳ ଉପସ୍ଥିତେ ।" ଅତଏବ ଆଗ ଏ ବିଷୟରେ ରାଜଗୁରୁଙ୍କର ମତ ନିଆଯାଉ ।

ସୌଦାଗର—ମହାଶୟ ! ଆପଣଙ୍କର ମତ ପ୍ରକାଶ କରନ୍ତୁ ।

ରାଜଗୁରୁ—ତୁମ୍ଭମାନଙ୍କ ପ୍ରଶ୍ନ ସମ୍ବନ୍ଧରେ ମୋର କେତେକ କଥା ପଚାରିବାର ଅଛି । ତାହାର ଉତ୍ତର ପାଇଲେ ମୋ ମତବ୍ୟକ୍ତ କରିବି ।

ରଘୁ—କଣ ପଚାରିବାର ଅଛି ପଚାରନ୍ତୁ ।

ରାଜଗୁରୁ—ତୁମେ ଯେତେ ଜଣ ଏଠାରେ ଉପସ୍ଥିତ ଅଛ ସେମାନେ ମେଳ କରିବ କି ଆଉ କେହି ତୁମ ସଙ୍ଗରେ ଯୋଗଦେବେ ।

ରଘୁ—ପ୍ରାୟ ପାଞ୍ଚ ଛଅଶହ ପ୍ରଜା ଯୋଗ ଦେବେ । ସେ ସବୁ ଆମ ମୁହଁକୁ ଚାହିଁ ବସିଛନ୍ତି ।

ରାଜଗୁରୁ—ସେ ସମସ୍ତେ କି କି ବିଷୟରେ ସମର୍ଥ ।

ବେଣୁ—କେହି ଭଲ ହଳ କରିପାରେ, କିଏ କେଣୀ ବୋଇପାରେ, କେହି ବଡ଼ ଘରବନ୍ଧି ପାରେ, କିଏ ଚଞ୍ଚଳ ଧାନକାଟି ପାରେ, କେହି ଅଧିକ ପିଠା ଖାଇପାରେ ଏହି ରୂପେ ଅନେକ ବିଷୟରେ ପାରଗ ।

ରାଜଗୁରୁ—(ହସି) ମୁଁ ସେ ସବୁ ପଚାରୁ ନାହିଁ, କେହି ଶସ୍ତ୍ରାସ୍ତ୍ର ପରିଚାଳନା ଜାଣନ୍ତି ?

ବେଣୁ—ତାହା ପନ୍ଦର ପଣ ଉଣେଇଶ ଗଣ୍ଡା ଶନକଡ଼ା ଜାଣନ୍ତି । ସେ ବଷପୁରେ ଜଣେ ଜଣେ ଏ ପ୍ରକାର ଦକ୍ଷ ଯେ କଟୁରି ଧଇଲେ ଢନକେ ମାଣେ ଜଙ୍ଗଲ କାଟି ଦେବେ ।

ରାଜଗୁରୁ—ତେବେ ଏମାନଙ୍କ ଦ୍ୱାରା ମେଳ ହୋଇ ପାରିବ ନାହିଁ ।

ମାନ—କାହିଁକ ।

ରାଜଗୁରୁ—ରାଜାଙ୍କର ଖର ବନ୍ଧ ଜାଣିବା ପାଞ୍ଚଶହ ପୁଆଳ ଅଛନ୍ତି ଜାଣ ?

ମାନ—ଆମ୍ଭେ ଧରାଧରି କଲେ ଦେଢ଼ ହଜାର ପର୍ଯ୍ୟନ୍ତ ପ୍ରଜା ମେଳରେ ଯୋଗ ଦେବେ ।

ରାଜଗୁରୁ—ବାବା । ପାଞ୍ଚ ହଜାର ଲୋକ ମିଶିଲେ ସୁଦ୍ଧା ଧନୁଖର ଦେଖି କୁଆଙ୍କପରି ଛିନଛନ୍ନ ହୋଇ ପଳେଇ ଯିବେ, ଶେଷରେ ତୁମ୍ଭେ ସାତଜଣ ଦଣ୍ଡ ପାଇବ ।

ବୀର—ଆପଣଙ୍କ କଥାରେ କିଛି ଭୁଲ ନାହିଁ । ସମସ୍ତଙ୍କୁ ଚଳାଇବାକୁ ଆଗେ ଜଣେ ସର୍ଦ୍ଦାର ଦରକାର ।

ବେଣୁ—ସମସ୍ତେତ ସର୍ଦ୍ଦାର ହେବେ, ଜଣେ କ'ଣ କରିବ ।

ବୀର—ଆହେ ଜାଣିନାହଁ ଏ ବଳଦ ଯୋଚା ମେଞ୍ଚା ଛଡ଼ା ଛାଡ଼ିଦେଲେ ସେ କ'ଣ ବେଙ୍ଗଳାକରି ଦେବେ । ବରଂ ଲଢ଼ିଲା ଯୁଦ୍ଧ ହୋଇ ପଡ଼ି ମରିବେ । ସେଥିପାଇଁ କହୁଛି ଜଣେ ସର୍ଦ୍ଦାର ଦରକାର ।

ରାଜଗୁରୁ—ଯାହା ଭାବୁଛ ତାହା ଉଚିତ ।

ବୀର—ଆପଣ ଅନୁଗ୍ରହ କଲେ ଆମ୍ଭମାନଙ୍କର କାର୍ଯ୍ୟ ସିଦ୍ଧ ହେବ ।

ରାଜଗୁରୁ—ମୋର ଅନୁଗ୍ରହରେ କି ପ୍ରୟୋଜନ ।

ବୀର—ଆପଣଙ୍କର ଯେଉଁ କ୍ଷତ୍ରିୟ ଶିଷ୍ୟ ଅଛନ୍ତି, ସେ ଆମ୍ଭମାନଙ୍କର ସର୍ଦ୍ଦାର ହେଲେ ପୂର୍ଣ୍ଣ ମନୋରଥ ହେବୁଂ ।

ମାନ—ଏ ଅକ୍ଷତ୍ରିୟ ଦେଶରେ କ୍ଷତ୍ରିୟ ଜଣେ ଅଛନ୍ତି ।

ବୀର —ଆଜି ସମସ୍ତେ ହାତଯୋଡ଼ି ରାଜଗୁରୁଙ୍କୁ ପ୍ରାର୍ଥନା କର ସେ ଆମ୍ଭର କାମନା ସିଦ୍ଧ କରନ୍ତୁ ।

ରାଜଗୁରୁ—କୌଣସି ଆଶା ନ ପାଇଲେ ମୂର୍ଖ ଲୋକ ସୁଦ୍ଧା ପ୍ରବୃତ୍ତ ହୁଏ ନାହିଁ । ସେ କି ଉଦ୍ଦେଶ୍ୟରେ ମୋ କଥା ମାନି ଏହି ଗୁରୁତର ରାଜଦ୍ରୋହ କାର୍ଯ୍ୟରେ ଯୋଗ ଦେବେ ।

ସୌଦାଗର—ସେ ସେନାପତି ହେଲେ ଯୁଦ୍ଧରେ ଯାହା ଖର୍ଚ୍ଚ ହେବ ସବୁ ମୁଁ ଦେବି ।

ଅଭି—(ସ୍ୱଗତ) ଏହି ଖର୍ଚ୍ଚ ପାଇଁତ ତୁମ୍ଭଙ୍କୁ ସଙ୍ଗ କରିଛୁ ଆଜି କ'ଣ ଆମପରି ଠେଙ୍ଗା ଧରି ବାହାରିବ ।

ବୀର—ଭାଇମାନେ ରାଜଗୁରୁ ଯାହା କହିଲେ ତାର ଉତ୍ତର ଦିଅ ।

ମାନ — ତୁମକୁ ଉତ୍ତର ଦେଖା ଯାଉନାହିଁ । ଯେବେ କୁବେର ସାହୁ ଆସି କାନ ପତେଇ କ୍ଷମା ମାଗେ, ତଥାପି ତାକୁ ରଜା ନକରି ଏହାଙ୍କୁ ରଜା କରିବୁଁ । କ୍ଷତ୍ରିୟ ବନା କି ଯେ କୌଣସି ରଜା ହୁଏ ।

ସମସ୍ତେ—ନିଶ୍ଚୟ ନିଶ୍ଚୟ ହରିବୋଲ ।

ରାଜଗୁରୁ — ତେବେ ସେ ଆଜିଠାରୁ ତୁମର ରଜା, ତାଙ୍କ ନିକଟରେ ଦଶଜଣ ପହରା ଦିଅନ୍ତୁ । ଅନ୍ୟମାନେ ଗ୍ରାମେ ଗ୍ରାମେ ବୁଲି ଲୋକ ସଂଗ୍ରହ କରନ୍ତୁ ।

ବୀର — ଆମ୍ଭେମାନେ ତାହାର ବନ୍ଦୋବସ୍ତ କରୁଛୁ ।

ଅଭି — ଚାଲ ଯିବା, ଆଜିଠାରୁ ରଜାର ଖଞ୍ଜା ଗୋଜା ସବୁ ବନ୍ଦ କରିବା ।

ସମସ୍ତେ—ଜୟ ରାଜା ଭୁଜବଳଭଞ୍ଜ ଜୟ (ଉତ୍ଥାନ)

ରାଜଗୁରୁ – (ସ୍ୱଗତ) ଦୁର୍ଗନ୍ତ ନାଶିନୀ ଦୁର୍ଗାଙ୍କ ସ୍ୱପ୍ନାଦେଶର ସୂତ୍ରପାତ ହେଲା । ଇଚ୍ଛା ତାଙ୍କର ।

(ସମସ୍ତଙ୍କର ପ୍ରସ୍ଥାନ)

## ୬ଷ୍ଠ ଅଙ୍କ

### ୧ମ ଦୃଶ୍ୟ

ବଜ୍ରପୁରଗଡ଼,

(ରାଜା ଓ ବେବର୍ତ୍ତ ଉପସ୍ଥିତ)

ରାଜା—(ସ୍ୱଗତ)—ପାଣି କହୁଥିଲେ ସୌଦାଗର ଯେଉଁ କନ୍ୟାଟି ଆଣିଛି, ସେ ଅପସରାପରି; କେବେ ତାକୁ ଦର୍ଶନ କରିବି । ତାକୁ ଦେଖିବାକୁ ଶୁଣୁଥିଲେ ମୋର ମନ ଛନଛନ ହେଉଛି । ଆଉ କେତେ ମାସ ଅଛି । (ପ୍ରକାଶ୍ୟ) ବେବର୍ତ୍ତ ଆଜକାଲି କେଉଁ ମାସ ଚାଲିଛି ?

ବେବର୍ତ୍ତ—ଅଶିଣ ମାସ ।

ରାଜା—ଅଶିଣ ଗଲେ କାର୍ତ୍ତିକ, ତାପରେ ମଗୁଶିର ହେବ ।

ବେବର୍ତ୍ତ—ମଗୁଶିର ମାସରେ ଧାନ କଟା ହେବ ।

ରାଜା – ନାହେ ! ତୁମେ ନିଶାରେ ସବୁ ପାଶୋରିଲଣି ।

ବେବର୍ତ୍ତ—ତାହା ସତ, ନିଶାରେ ମୁଁ ବେଳେ ବେଳେ ନିଜକୁ ବି ଭୁଲିଯାଏ; କଣ ସ୍ମରଣ କରେଇ ଦିଅନ୍ତୁ ।

ରାଜା—ସୌଦାଗରକୁ ପ୍ରାଣଦଣ୍ଡରୁ କାହିଁକି ଖଲାସ କରିଗଲି, ମନେ ନାହିଁ ।

ବେବର୍ତ୍ତ—ସେ ନିଜ କନ୍ୟାକୁ ତୁମକୁ ଦେବ ବୋଲି କଳାପାହାଡ଼ ହାତରେ ବାର୍ତ୍ତା ଦେବାରୁ ।

ରାଜା – ସେହି କନ୍ୟା ସଙ୍ଗରେ ମଗୁଶୀରରେ ବିବାହ କରିବାର ସ୍ଥିର କରିଛୁ ।

ଦେବର୍ଷି—ତେବେ ନାହାକଙ୍କୁ ଡକାଇ ଆଜରୁ ଗୋଟାଏ ଦିନସ୍ଥିର କରିବା ଉଚିତ ।

ରାଜା – ଏତେ ଦିନରୁ କାହିଁକି ଲଗ୍ନ କରିବ ।

ଦେବର୍ଷି—ଏତ ସାଧାରଣ ଲୋକଙ୍କ ବିବାହ ନୁହେଁ, ଗ୍ରାମୁଙ୍କର, ଦିନ ଜାଣିଲେ ସବୁ ଯୋଗାଡ଼ କରିବାକୁ ହେବ ।

ରାଜା—ମୁଁ ଦିନେ ନାହାକଙ୍କୁ ଡାକ ପଚାରିଥିଲି ସେ କହିଲେ ବିସ୍ଥ ପାଞ୍ଚଦିନ ଲଗ୍ନଅଛି ।

ଦେବର୍ଷି—ତେବେତ ଆଉ ଦୁଇଟା ମାସ, କାଲି ପରିଗ୍ଳପିବ, ଆଜଠୁଁ ସମସ୍ତ ଅୟୋଜନ କରିବାକୁ ହେବ ।

ରାଜା – ମୁଁ ଭାବୁଛି, ଜାତିଙ୍କେ ଏ ବାହାଘରବେଳେ ଖାଇବାକୁ ଦେବି, ମଦ ଆଉ ଗଞ୍ଜେଇ ବେଶୀ ବରାଦ ଦେବ ।

ଦେବର୍ଷି – ଆଉ କଥା ଯାହା ହେଉ ସେ ବିଷୟ ମୁଁ ପାଶୋରିବି ନାହିଁ ।

ରାଜା—ଖର୍ଚ୍ଚ ପାଇଁ ମାଗଣର ବ୍ୟବସ୍ଥା କର ।

ଦେବର୍ଷି—କଳାପାହାଡ଼କୁ ମୁଁ ଆଗରୁ ସେଥିପାଇଁ ପଠେଇଛି, ଏତେ ବେଳେକେ ସେ କଥା ମୋର ମନେ ପଡ଼ୁଛି ।

କଳାପାହାଡ଼ – (ପ୍ରବେଶକରି) ଆଜ୍ଞା ଦଣ୍ଡବତ ।

ରାଜା—ଆରେ ଗ୍ରାମ ତ ଅନେକ ଧନ ବଞ୍ଚିବ, ତା ନାଁ ପଡ଼ିଲା ମାତ୍ରେ ପହଞ୍ଚିଗଲୁ ।

ଦେବର୍ଷି – ଆଜ୍ଞା ମଙ୍ଗଳ କାମରେ ସବୁ ମଙ୍ଗଳ ଆସି ଯୁଟେ ।

ରାଜା – ଗ୍ରାମା, ମାଗଣ କାମ ଆରମ୍ଭ ହେଲାଣି ?

କଳାପାହାଡ଼—ଆଜ୍ଞା, କହିବାକୁ ଗୁଣ୍ଡ ଦୁଲୁକୁଛି, ଓଲଟି ପଡ଼ଲାଣି ।

ରାଜା – (ବ୍ୟଗ୍ରେ) କଣ ହୋଇଛି

କଳାପାହାଡ଼—ନା, ଆଜ୍ଞା !

ରାଜା – ଆଉ କଏ ଓଲଟି ପଡ଼ିଲା ।

କଳାପାହାଡ଼—ଦେଶ ।

ରାଜା – ଦେଶ କପରି ଓଲଟି ପଡ଼ିଲା, ଭଲକରି ବୁଝେଇ କହ ।

କଳାପାହାଡ଼—ସବୁ ବଡ଼ ସାନ ଆଉ ସୌଦାଗର ଏବଂ ସାତଜଣ ପ୍ରଜାଙ୍କୁ ମତେଇ ପ୍ରଭୁଙ୍କ ବିରୋଧରେ ମେଳକରି ଖଞ୍ଜା ଗୋଜା ବନ୍ଦକରି ଦେଲେଣି ।

ରାଜା—କଣ ମୋର ପାଞ୍ଚଶହ ପୁଆଳ ଆଖି ଆଗରେ ଦେଖି ସୁଦ୍ଧା ବାଘକୁ ମାରିବାକୁ ଛେଳି ମେଳି ବାନ୍ଧିଛନ୍ତି ।

ଦେବଶର୍ମା—ସେଇଥିପାଇଁ ତ ଦୁଇଦିନରୁ ଧନ ହେଲା ଖଞ୍ଜା ଜନସ ନିୟମିତ ଭାବେ ଆସୁନାହିଁ, ଏବେ ତାର କାରଣ ଜଣାଗଲା ।

ରାଜା—ତାଙ୍କ ଭିତରେ ସର୍ଦ୍ଦାର କଏ ହୋଇଛି ?

କଳାପାହାଡ଼—ଆଜ୍ଞା, ସେହି ଚୁପ ସଇତାନ ପ୍ରଭୁଙ୍କୁ ଝିଅ ଦେବ ବୋଲି ମୋତେ ଭୁଲେଇ ଦେଇ ମେଳ କରି ଦେଇଛି, ତା' ଘରେ ଯେଉଁ ଟୋକାଟା ଥିଲା ତାକୁ ସର୍ଦ୍ଦାର କରିଛି ।

ଦେବଶର୍ମା – ଟେକାରେ ଦେଉଳ ଭାଙ୍ଗିବାକୁ ବସିଛନ୍ତି, ଭୁ ଯା' ସମସ୍ତ ପୁଆଳଙ୍କୁ ଡାକିଆଣ, ସୌଦାଗରର କେତେ ଗାରିମା ବଢ଼ିଛି ଦେଖିବା !

ରାଜା—ଦେବଶର୍ମା, ପୁଆଳଙ୍କ ଖାଦ୍ୟର ଆୟୋଜନ କର ।

ଦେବଶର୍ମା—ସେମାନେତ ଜାଗିରି ଖାଉଛନ୍ତି, ତାଙ୍କ ଖାଦ୍ୟ ସେ ନିଜ ନିଜ ଘରୁ ଆଣିବେ, ଆମ୍ଭେ କାହିଁକି ଦେବା ।

ରାଜା—ମୁଁ ଯାଉଛି ଶସ୍ତ୍ରାସ୍ତ୍ର ଠିକ୍ କରିବ, ଖିମା ଯା' ଦୁଇ ଦିନ ପରେ ଗଡ଼ରେ ସମସ୍ତ ପୁଆଳଙ୍କୁ ହାଜରକର ।

(ସମସ୍ତଙ୍କର ପ୍ରସ୍ଥାନ)

## ୫ମ ଅଙ୍କ—୨ୟ ଦୃଶ୍ୟ

### ସ୍ଥାନ—ପାଣ୍ଡୁରି କୂଳ

( ନହୁଲ ରାଉତ ପିଣ୍ଡାରେ ବସି କାଣି କାଟିବ )

ଶଙ୍ଖୀମା—(ପ୍ରବେଶ କରି) ଘରକୁ ପଳେଇ ଆସହେ ପଳେଇ ଆସହେ !

ନହୁଲ—(ଟାକୁଆରଖି ଠିଆ ହୋଇ) ବାଘ ନା ବାଘଲେ ?

ଶଙ୍ଖୀମା—ନାହେ ଗୋଟେ ମିଣିପେ ଠେଙ୍ଗାଧରି ଗୀତ ଗାଇ ଧାନ ଫାନ ମାଡ଼ି ଆମ ଗାଁକୁ ଆସୁଚନ, ତାଙ୍କୁ ଦେଖି ହଲୁଆ ଛୁନିଛନ ହୋଇ ପଳେଇଚନ ।

ନହୁଲ—ତୁ କେଉଁଠି ଦେଖିଲୁ ।

ଶଙ୍ଖୀମା—ମୁଁ ଭିହାଡ଼ି ଗଡ଼ିଆରେ କଳମଶାଗ କରୁଥିନ, ଅନେଇ ଦେଇତ ମୋ ହଲକ ଶୁଖିଗଲା, ଶାଗ ଫାଗ ପକେଇ ଦେଇ ପଳେଇ ଅଇଲ । ତମେ ଝଟ ଘର ଭିତରକୁ ଯା' ।

ନହୁଲ—ଆଲେ ମୁଁ ଘରେ ପଶିମି କଣ ? ଶଳା ବଳଆ ହଳଆ ଦୁଇଟା ଯାକତ ଗଡ଼ାଟେରେ ଧାନ ବାଛୁଚନ; ତାଙ୍କୁ ଆଗ ଡାକେ (ନେପଥ୍ୟ)ରେ ବଳଆ, ରେ ହଳଆ ଶଳାଝଟ୍ ପଳେଇ ଆସରେ ।

ଶଙ୍ଖୀମା—ଆହେ । ସେ ମିଞ୍ଜା କଣ, କେଳା ?

ନହୁଲ—ନାଲେ ଡହାଡ଼ନନା କହୁଥିଲେ ସେ ସବୁ ମେଳିଆ
ଗାଁକୁ ଗାଁ ବୁଲି ମଣିଷକୁ ଧରି ନଉଚନ୍ତି ।
ଙ୍ଖୀମା – ଡହାଡ଼ ନନା କମିତି ଜାଣିଲେ ।
ନହୁଲି—ସେ ଚୂଡ଼ା ଦହି ଖାଇବାକୁ ଯାଇ କାଞ୍ଜିଖାଇ ଗାଁରେ
ତାଙ୍କୁ ଦେଖି ଆସିଥିଲେ ।
ବଳିଆ—(ହଳିଆ ସହିତ ପ୍ରବେଶ କରି) ତୁ ଆମକୁ କାମ କରେଇ
ଦବୁନାହିଁ । ମିଛରେ କାହିଁକି ଡାକ ପକଉଚୁ ।
ନହୁଲି—ଆରେ ମେଳିଆ ଆସୁଚନ୍ତି, ଲୁଚିପଡ଼ ।
ବଳିଆ—କଉଠି ଲୁଚିମୁ ।
ଙ୍ଖୀମା – ବାଡ଼ି ପଟରେ ଦଇଟା ଧାନ ଉସୁଆଁ ଚୁଲିଅଛି ତମେ
ଦିଜଣ ସେଥିରେ ପଶ, ଉପରେ ମୁଁ ହାଣ୍ଡି ଘୋଡ଼େଇ ଦେମି ।
(ବଳିଆ ହଳିଆ ପ୍ରସ୍ଥାନ)
ନହୁଲି—ଆଲେ ! ମୁଁ ।
ଙ୍ଖୀମା – ତମେ କନ୍ତରା ଘୋଡ଼େଇ ହୋଇ ଘରେ ଶୋଇପଡ଼, ମୁଁ
ତମ ପାଖରେ ବସି ଗୁଣ ବାହୁନୁ ଥିମି ।
ନହୁଲି—ମେଳିଆ ପଚାରିଲେ କଣ କହିବୁ ।
ଙ୍ଖୀମା—ମୋ ପୁଅ ଗେରସ୍ତ ଝାଡ଼ା ବାନ୍ତିରେ ···।
ନହୁଲି—ମରିଗଲେ ବୋଲି କହିବୁ !
ଙ୍ଖୀମା—ଅଲେମା, ଜଭ ଛିଣ୍ଡି ପଡ଼ିବନା ।
ନହୁଲି—ଆଉ କଣ କହିବୁ ।
ଙ୍ଖୀମା—କହିମି ବୁଲିଗଲେ ।
ନହୁଲି—ହଁ, ଏକଥା ଯ ଆଡ଼କୁ ପାଇବ । (ତଥାକରଣାର୍ଥ, ଶୀଘ୍ର
ପ୍ରସ୍ଥାନ) ।
କେତେଜଣ ମେଳିଆ ଓ ଉତ୍ତେଜକ ଗାୟକଙ୍କ ପ୍ରବେଶ

(ଗାନ)

ବନ୍ଧୁ ଭାଇମାନେ,

ଆସ ଆସ ନକର ଡେରି ଆଉ । ପଦ ।
ବୀର ଗରବେ ମାତି ପଥରକର ସ୍ମୃତି
ବାରଣ ବାରି ଆଜ ମିଳି ସକଳ ଜାତି
ନରଳିସେ କରମେ ଲାଗି ଦିବସରାତି
ଦେଶ ପାପରୁ ରକ୍ଷାପାଉ ହେ । ୧ ।
କରିବାକୁ ସମର ବାନ୍ଧ ଦୃଢ଼େ କମର
ରହି ନାହିଁ ମହୀରେ କେହି ହୋଇ ଅମର
ଦେଖି ଶ୍ରମ ଉଦ୍ୟମ ଅତ୍ୟାଚାରୀ ପାମର
ଦାନବ ପାତାଳକୁ ଯାଉ । ହେ । ୨ ।
ନୋହି ପତିତ ହରେ—ଅକାଳ ବିପଦରେ
କମ୍ପାଇ ଦିଅ ଦିଗ ଜୟ ଜୟ ନାଦରେ
ହରଷରେ ସେ ଭବ ସାରି ଧରି ସାଦରେ
ଆମ୍ଭର ଯଶଗୀତ ଗାଉ । ହେ । ୩ ।

ବଳିଆ—(ହଳିଆ ସହିତ ବାଡ଼ିଗି ଧରି ଉପସ୍ଥିତ ହୋଇ) ଆମେ ବି ଭାଇ ତମ ସାଙ୍ଗରେ ଯିମୁଁ ।

ଜଣେ ମେଳିଆ—ଭଲ କଥା ଆସ । ପାଞ୍ଚ ବୋଲି ହୋଇଛ କାହିଁକି ?

ବଳିଆ—ତମ ଉରେ ମା' ଆମକୁ ଭୂଲରେ ପୂରେଇଥିଲା ।

ମେଳିଆ—ଭଲ ମା, ଜାଅନ୍ତା ପୁଅଙ୍କୁ ଚୂଲୀରେ ପୁରେଇଛ । ଆସ ଆସ । (ସମସ୍ତଙ୍କର ପ୍ରସ୍ଥାନ) ।

## ପଞ୍ଚମ ଅଙ୍କ – ତୃତୀୟ ଦୃଶ୍ୟ

## ସୌଦାଗର ଭବନ

ଭୁଜବଳ—(ପ୍ରବେଶ କରି ସ୍ୱଗତ)

କି ସାହାସ ନରାଧମ କୁବେର ସାହୁର
ଚନ୍ଦ୍ର ବିମ୍ବ ଧରିବାକୁ ବଢ଼ାଉଛି ହାତ
ଜମ୍ବୁକ କାମନା କରେ ମୃଗେନ୍ଦ୍ରର ଜୟ
ରେ ପାପିଷ୍ଠ ! ଏତେ ତୋ ଗାରିମା
ଜାଣୁ ନାହିଁ ଭୁଜବଳ କ୍ଷତ୍ରିୟକୁମାର
ବନ୍ଦୀ କରିବାକୁ ଚାହୁଁ ପାଣେ ପବନକୁ
ନବଧି ଘୁଞ୍ଚ ଦେଇଛି ପୂଆଳଙ୍କୁ ଆଜ
କହିବାକୁ ତୋର ଆଗେ ମୋହର ବିକ୍ରମ
ଗୁରୁଙ୍କ ଆଦେଶେ ଏଣ୍ଡ କର ବାଳକରେ
କରିବ ସର୍ବଦା ସୌଦାଗର ଗୃହରକ୍ଷା (ପରିକ୍ରମ)

( କେତେଜଣ ପ୍ରଜା ପ୍ରବେଶକରି ) ଦଣ୍ଡବତ

ଭୁଜବଳ—କିଏ ତୁମ୍ଭେ, କି ଉଦ୍ଦେଶ୍ୟ ଏଠାକୁ ଆସିଛ ?

ଜଣେ ପ୍ରଜା—ଆଜ୍ଞା, ଆମ୍ଭେମାନେ ଏ ଦେଶର ପ୍ରଜା, ସାର ମର୍ଦ୍ଦରାଜଙ୍କ ଆଜ୍ଞାରେ ତିନକୋଡ଼ି ଲୋକ ସୌଦାଗରଙ୍କ ଘର ଜଗିବାକୁ ଆସିଛୁ । ରାଜଗୁରୁ ଆମ୍ଭ ବୃତିଜଣଙ୍କୁ ଆପଣଙ୍କ ନିକଟରେ ରହିବାକୁ କହିଛନ୍ତି ।

ଭୁଜବଳ – ପ୍ରୟୋଜନ ?

ଜଣେ—ଆପଣଙ୍କୁ ସାହାଯ୍ୟ କରିବୁଁ ।

ଭୁଜବଳ—( ସ୍ୱଗତ ) ଏମାନଙ୍କୁ ମୋର ବିଶ୍ୱାସ ନାହିଁ । ଏହି ଅପରିଚିତ ଲୋକଙ୍କୁ ବର୍ତ୍ତମାନ ଅବସ୍ଥାରେ ନିକଟରେ ସ୍ଥାନ ଦେବା ଅନୁଚିତ । ବିଶେଷତଃ ଜନନୀ ଦୁର୍ଗା ଯାହାର ସହାୟ ତାର ଏରୂପ ସାହାଯ୍ୟର କି ଲୋଡ଼ା ? (ପ୍ରକାଶ୍ୟେ) ବର୍ତ୍ତମାନ ତୁମ୍ଭେ ସ୍ୱ ସ୍ୱ ସ୍ଥାନକୁ ଯାଅ, ମୁଁ ବଂଶୀ ବଜାଇଲେ ଆସିବ ।

ସମସ୍ତେ—ଯେ ଆଜ୍ଞା (ପ୍ରସ୍ଥାନ)

ଭୁଜବଳ—(ସ୍ୱଗତ) ଯୁଦ୍ଧ ନାମରେ ମୋର ହୃଦୟ ନାଚି ଉଠୁଛି, ମାତ୍ର ଶାସ୍ତ୍ର ଅନଭିଜ୍ଞ ମଦ୍ୟପ କୁବେରସାହୁ ସସୈନ୍ୟରେ ନିଶ୍ଚୟ ଯୁଦ୍ଧ କରିବାକୁ ନିକଟେ ଆସିବ । ଏହି ଅସିରେ ତାହାର ଗର୍ବ ଖର୍ବ କରିବ !

ରାଜଗୁରୁ—(ପ୍ରବେଶ କରି) ବତ୍ସ ବୀରବର ।

ଭୁଜବଳ—କିଏ ଗୁରୁଦେବ ! ନମସ୍କାର, ଆପଣଙ୍କ ଆଗମନର କାରଣ ?

ରାଜଗୁରୁ – କାର୍ଯ୍ୟବଶରୁ ।

ଭୁଜବଳ—କୌଣସି ରାଜପୁରୁଷ ଛଦ୍ମବେଶରେ ଉଆସରେ ପ୍ରବେଶ କରିଛନ୍ତି କି ?

ରାଜଗୁରୁ – ନା ବତ୍ସ ! ସେ ସବୁ ମାତ୍ର କୁବେର ସାହୁର ଅଜ୍ଞାତ, ତଥାପି ମୁଁ ଚତୁର୍ଦ୍ଦିଗରେ ଗୁଡ଼ିଏ ପ୍ରହରୀ ରଖିଛି ।

ଭୁଜବଳ—ଆଜି ଆପଣଙ୍କର ଏଠାରେ କାର୍ଯ୍ୟକଣ, ଯାଆନ୍ତୁ, ଦେବୀଙ୍କ ଅର୍ଚ୍ଚନା କରିବା ହେବେ ।

ରାଜଗୁରୁ—ଦୁର୍ଗାଦେବୀଙ୍କ ପ୍ରସାଦ, ମାଳା, ସିନ୍ଦୂର ଆଣିଛି ଗ୍ରହଣ କର !

[ଭୁଜବଳ ଅବନତ, ରାଜଗୁରୁଙ୍କର ମାଳା, ସିନ୍ଦୂର ଦାନ]

ଭୁଜବଳ — ନମସ୍କାର ।

ରାଜଗୁରୁ — ବିଜୟୀ ଭବୋଽସ୍ତୁ ।

ଭୁଜବଳ—ଆପଣଙ୍କ ଆଶୀର୍ବାଦ ସଫଳ ହେଉ ।

ରାଜଗୁରୁ—ବଳପୁର ଗଡରେ ଭେରୀ ତୂରୀ ବାଜୁଛି । ବୋଧହୁଏ ରାଜା ଆଜ ଯୁଦ୍ଧକୁ ଆସିବ । ତୁମେ ବୀରବଂଶରେ ଜାତ ବୀର ଚୂଡ଼ାମଣି, ଏକାକୀ ବୋଲି କାତର ହେବ ନାହିଁ । ତୁମର ସାହାଯ୍ୟକାରୀ ପ୍ରଜାବୃନ୍ଦ ଯେପରି ଅଯଥା ପ୍ରାଣ ନ ହରାଇବେ ସେଥିପ୍ରତି ଲକ୍ଷ୍ୟ ରଖିବ । ମୁଁ ଯାଉଛି ଚଣ୍ଡୀପାଠ କରିବା, ତୁମ୍ଭେ ସାବଧାନ ଥିବ । (ପ୍ରସ୍ଥାନ)

ଭୁଜବଳ—ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ । (ସ୍ୱଗତ) ପ୍ରତି ପକ୍ଷ କେଉଁ ସମୟରେ ଓ କେଉଁ ବାଟଦେଇ ଆସିବ, ତାହାର ଅନୁସନ୍ଧାନ କରିବା ଯାଉଛି ।

## ୫ମ ଅଙ୍କ – ୪ର୍ଥ ଦୃଶ୍ୟ

(ସ୍ଥାନ—ପାଇକ ସାହି – ବଳୀଆର ସିଂହ ଘର ବଳୀଆର ସିଂହ ଉପବିଷ୍ଟ, ତାର ସ୍ତ୍ରୀ ବେଲ୍ଲାଳୀ ମାଠିଆ କାଖେଇ ଦଣ୍ଡାୟମାନା)

ବେଲ୍ଲାଳୀ – ଆହେ, କେତେଦିନ ହେଲା ତମେ ଘରଟାରେ ପଶି ରହିଛ କାହିଁକି ? ବଣକୁ ଯାଇ ଜାଳ ଦିଖଣ୍ଡ ଆଣ ।

ବଳୀଆରସିଂହ—ଆଉ କିଆଁ ପାଉଁଶ ଆଣିମି । ଘର ବୁଡ଼ ପାଣି ଆଣୁ ଏ ହେଲାଣି ତୋର ଖାଇଗିଆ ଗୁଡ଼ ଯାଇ ନାହିଁ ।

ବେଲ୍ଲାଳୀ – (ବ୍ୟଗ୍ରେ) ଭଣ ଭଣ ?

ପିଟି ତୋ ଗୋଡ଼ ଭାଙ୍ଗି ଦେବ, କଏ ତୋତେ ରଖିବ ଦେଖେଁ
(ଭଡ଼ ଭଡ଼ ହୋଇ ଠେଙ୍ଗା ଉଞ୍ଚାଇବା)

ବେଲ୍ତାଳୀ—ଧାଇଁ ପଡ଼ ହୋ ମାରିପକାଇଲା ହୋ, ମାରି ପକାଇଲା ହୋ ।

ବଳୀଆର ସିଂହ—(ସହସା ପ୍ରବେଶ କରି କଳା ପାହାଡର ବେକଧରି) ଶଳା ! ତୁ ମୋର ଘର ମଣିଷକୁ ପିଟିବୁ । ତୋର ଏତେ ହିମାକ ।

କଳାପାହାଡ—(ବଳୀଆର ସିଂହ ବେକଧରି) ଶଳା ଘରେ ଲୁଚି-ଥିଲୁ ଡାକରା ହେଲଣି ଗଡକୁ ଚାଲ ।
(ଧସ୍ତା ଧସ୍ତି ହୋଇ ଉଭୟର ପ୍ରସ୍ଥାନ)

ବେଲ୍ତାଳୀ—ମୋ କଣ୍ଟାଗଲା, ଏବେ ଯାଉଛି ମନଇଚ୍ଛା ମଉଜ କରିବ । (ପ୍ରସ୍ଥାନ)

### ୫ମ ଅଙ୍କ—୫ମ ଦୃଶ୍ୟ

### ସମୟ—ପ୍ରଭାତ

(ବଜ୍ରପୁର ଗଡ଼ର ସିଂହଦ୍ୱାର, ବନ୍ଦୀବୃନ୍ଦର ଗାନ)

ଜାଗ ଜାଗ ନବ ନବ ଉତ୍ସାହେ ଆଜି ସରବ ବୀରେ
ଦାବଛବ ରବ ପ୍ରାଚୀ ଗଗନେ ଭାସିଉଠେ ଧୀରେ ଧୀରେ । ପଦ ।
ବିକଶିତ ଶତଦଳ ବନେ ଅଳି
ମଧୁପାନ ଆଶେ କରିଲେଣି ଅଳି
ବିରହଜ ଶୋକ ପରିହରି କୋକ
ଖେଳେ ତଟିନୀ ତୀରେ । ୧ ।

ଜନ୍ମାନ୍ତରର ଦିନେ ଘଟନ ନିଶ୍ଚୟ
ଏଣୁ ଭୟ ଶୂନ୍ୟ ବହନି ହୃଦୟ
କହ ଏହା ଶଶୀ ଅକାଶରେ ଖସି
ପଡ଼େ ମାରଧ୍ୱମାରେ । ୨ । (ପ୍ରସ୍ଥାନ)

ରାଜା—(ପ୍ରବେଶ କରି) ସୂର୍ଯ୍ୟ ଉଦୟ ହେଲେଣି, ଏତେବେଳ ଯାଏ ବେବର୍ତ୍ତ କାହାନ୍ତି । ବୋଧହୁଏ ନିଶା ଛୁଟି ନାହିଁ । (ନେପଥ୍ୟକୁ ଚାହିଁ) ଆସୁଛନ୍ତି ପରା ।

ବେବର୍ତ୍ତ—(ପ୍ରବେଶ କରି) ଆଜ୍ଞା ଭଉଆଁ ବାଘସିଂହ ପ୍ରଭୃତି ଚାରି ଜଣ ଯାଇଥିଲେ ସେହି ଟୋକାଟାକୁ ଧରି ଆଣିବାକୁ ।

ରାଜା—ଆଣିଲେ ?

ବେବର୍ତ୍ତ—ନା, ଫେରି ଆସିଲେ ।

ରାଜା—କାହିଁକି ?

ବେବର୍ତ୍ତ—ସେ କହନ୍ତି ଆମେ ଚାରିଜଣ ତାକୁ ଧରି ପାରିଲୁ ନାହିଁ ।

ରାଜା—ଜଣକୁ ଚାରିଜଣ ପାରିଲେ ନାହିଁ । ସେ ପୁଣି ଟୋକାଟା ଏହା ମିଛ, ବୋଧହୁଏ ସୌଦାଗରଠାରୁ ବକ୍‌ସିସ ପାଇ ଫେରି ଆସିଛନ୍ତି । ତାଙ୍କୁ ଡ଼ାକ ଉଚିତ ଦଣ୍ଡ ଦିଅ ।

ବେବର୍ତ୍ତ—(ଚାହିଁ) ହେଇ ଭଉଆଁ ବାଘସିଂହତ ଆସୁଛି ।

ଭଉଆଁ ବାଘସିଂହ—(ପ୍ରବେଶ କରି ଅଙ୍ଗଭଙ୍ଗୀରେ ଠିଆ ହୋଇ) ଆଜ୍ଞା ଦଣ୍ଡବତ !

ରାଜା—ଏ ପ୍ରକାର ଭାବରେ କାହିଁକି ଠିଆ ହେଲୁ ।

ଭଉଆଁବାଘସିଂହ—ଆଜ୍ଞା କାଲି ସେହି ଭୁଜବଳକୁ ଆଣିବାକୁ ଯାଇ କଙ୍କାଳ ଭାଙ୍ଗି ଯାଇଛି ।

ରଜା—ତୁମେ ଗୃହଜଣ ଜଣେ ଟୋକାକୁ ଆଣି ପାରିଲ ନାହିଁ । ସେଠାକୁ ଗଲାବେଳେ ବାଟରେ କଣ୍ଟୁଡ଼ ପଡ଼ିଲ ?

ଉଆଁ ବାଘସିଂହ—ଆଜ୍ଞା ନା, ନା କଣ୍ଟୁଡ଼ ପଡ଼ିନାହୁଁ ।

ରଜା—ଆଉ ?

ଉଆଁ ବାଘସିଂହ—ଆମେ ଯାଇ ଦୁଇ ଦୁଇ ଜଣ ତା ହାତକୁ ଯେପରି ଧରିଲୁ ସେ ଆମକୁ ବୁଲାଇ ଫୋପାଡ଼ି ଦେଲା । ଆମେମାନେ ଦଶ ହାତରେ ପଡ଼ିଲୁ ।

ରଜା—ତା’ପରେ ?

ଉଆଁ ବାଘସିଂହ - ପ୍ରାଣଭୟେ ପଳେଇ ଆସିଲୁ ।

ବେବର୍ତ୍ତ—ପୁଣି ଯାଇ ଅନ୍ୟ ପ୍ରକାର ଧରିଲ ନାହିଁ କାହିଁକି ?

ଉଆଁ ବାଘସିଂହ—ଏକା କଚଡ଼ାକେ ତ ମୋର କଙ୍କାଳ ଆଉ ଅନ୍ୟ ତିନିଜଣଙ୍କର ହାତଗୋଡ଼ ଭାଙ୍ଗିଗଲା । ଧରିବୁ କିପରି ? ଦ’ଦଣ୍ଡରେ ଆମର ଚେତା ହେଲା । ପଳେଇ ଆସିବାକୁ ବାଟ ଦିଶିଲା ନାହିଁ ।

ରଜା—ଏ ଟେଙ୍କିଙ୍କ ଗୋଡ଼ରେ ଧାନମଲା ହେବ ନାହିଁ । (ବେବର୍ତ୍ତଙ୍କୁ ଚାହିଁ) ସବୁ ପୁଅଳିଙ୍କୁ ଠିକ୍ କର । ଆମେ ଦୁଇ ଜଣ ଯାଇ ତାକୁ ବାନ୍ଧି ଆଣିବା । ପ୍ରଜାଗୁଡ଼ାଙ୍କୁ ମାରିବା ଆବଶ୍ୟକ ନାହିଁ ।

ବେବର୍ତ୍ତ—ହଁ ମୂଳ କାଟିଦେଲେ ଡାଳଗୁଡ଼ାକ ଆପେ ଶୁଖିଯିବେ ।

ଉଆଁ ବାଘସିଂହ—(ସ୍ୱଗତ) ତାଙ୍କ ପାଖକୁ ଗଲେ ଏ ତେଜ ରହିବ ନାହିଁ ।

ରଜା—ପୁଅଳିମାନେ ସନ୍ଧ୍ୟାରେ ଯାଇ ବଡ଼ପଙ୍କ ଘାଟରେ ରହନ୍ତୁ । ଚନ୍ଦ୍ର ଅସ୍ତ ହେଲେ ଆମେ ଯାଇ ତାଙ୍କ ସଙ୍ଗରେ ମିଶିବା ।

ବୈବର୍ତ୍ତ—ତା'ପରେ ।

ରାଜା—ମୁଁ ଶୁଣୁଛି ସମସ୍ତେ ଚରପଦାରେ ଆଡ୍ଡା ବାନ୍ଧିଛନ୍ତି । ଆମେ ପଛପଟରୁ ତାଙ୍କୁ ଆକ୍ରମଣ କରିବା । ଗୋଟାଏ ଦୁଇଟା ପ୍ରଜାଙ୍କ ଉପରେ ତୀର ବାଜିଲେ ସମସ୍ତେ ଛାଡ଼ି ପଳେଇବେ । ତାଙ୍କୁ ବାନ୍ଧିବା ।

ବୈବର୍ତ୍ତ—ଏହା ସୁବିଚାର ।

ଡଆଁ ବାଘସିଂହ—(ସ୍ୱଗତ) ଯା, ଯା । ତମେ ତାଙ୍କୁ ବାନ୍ଧିବ କି ସେ ତମକୁ ବାନ୍ଧିବ, ଦେଖାଯିବ !

ରାଜା—ଚାଲ, ଏ ବିଷୟରେ ଯୋଗାଡ଼ କରିବା । (ସମସ୍ତଙ୍କର ପ୍ରସ୍ଥାନ)

### ୫ମ ଅଙ୍କ—୬ଷ୍ଠ ଦୃଶ୍ୟ

### ସୌଦାଗର ଗୃହପ୍ରାନ୍ତ

ଭୁଜବଳ—ଚରଠାରୁ ସବୁକଥା ହେଲି ଅବଗତ—କରିଛି କାମନା
ରାଜା ଗାଢ଼ ଅନ୍ଧକାରେ—ପୃଷ୍ଠଦେଶୁ ଆକ୍ରମଣ କରିବ ସହସା
ଏକାକୀ ମୁଁ ତାଙ୍କୁ—ସେହି ପ୍ରକାରେ ଆକ୍ରମି—ବ୍ୟର୍ଥ କରି
ଦେବି ତାର ସମସ୍ତ ଉଦ୍ୟମ ।

(ବଂଶୀବାଦନ) (ସହସା ଚରଜଣ ଲୋକର ପ୍ରବେଶ)

ତୁମ୍ଭେମାନେ ଏହିଠାରେ ରହି ସାବଧାନେ ଉଆସକୁ ରକ୍ଷା କର ମୁଁ ଆସିବା ଯାଏ ।

ଚରଜଣ—ଯେ ଆଜ୍ଞା ।

ଭୁଜବଳ—(ଖଣ୍ଡାକୁ ହାତରେ ଧରି ହାତଯୋଡ଼ି) ମା ଦୁର୍ଗେ ଶକ୍ତିମୟୀ ! ଶ୍ରୀଚରଣଦାସକୁ ଶକ୍ତି ସାହସ ପ୍ରଦାନ କରି; ତୁମ ବିନା

ମୋର ଅନ୍ୟ ଗତି ନାହିଁ । (ଖଡ଼୍ଗ ଧରି ପ୍ରସ୍ଥାନ) (ଅପର ଦିଗରୁ ଦୁଇଜଣ ଭୟ ବିହ୍ୱଳ ଲୋକର ପ୍ରବେଶ)

ପ୍ରଥମ – ଆରେ ଏ କେଉଁ ସ୍ଥାନ ।

ଦ୍ୱିତୀୟ—ଆରେ ପବନା, ଆମେତ ବଣା ହୋଇ ଆସି ସୌଦାଗର ଘର ପାଖରେ ଉଠିଲେଣି ।

ପ୍ରଥମ – ଭାଗୁ ପାଟି କରନା, ପାଟି କରନା; କପରି ଏଠୁ ଖସି ପଳେଇଲେ ରକ୍ଷା – (ଅନ୍ୟ ମାର୍ଗରେ ଯିବାକୁ ଉଦ୍ୟତ)

(ପ୍ରହରି ଚତୁଷ୍ଟୟ ତାଙ୍କୁ ଓଗାଳ)

ସମସ୍ତେ – କିଏରେ କିଏରେ । ଏବାଟେ ଯାଇପାରିବ ନାହିଁ ।

ପବନା—ଭାଇମାନେ ତମ ଗୋଡ଼ତଳେ ପଡ଼ୁଛୁ । ବାଟ ଛାଡ଼ ଦିଅ !

ଭାଗୁ—ତମେ ଅମ ପ୍ରାଣ ରକ୍ଷାକର !

ଜଣେ ପ୍ରହରି—ତୁମେ ଦୁହେଁ କିଏ ? ରାତି ତିନି ପହରରେ ଏଠିକି କାହିଁକି ଆସିଛ । ଚୋର କିରେ ?

ପବନା—ନା ଭାଇ ଆମେ ଚୋର ନୋହୁଁ ।

ଅନ୍ୟ ପ୍ରହରୀ—ଆଉ କିଏ ତୁମେ ?

ଭାଗୁ – ଆମେ ଦି'ଜଣ ପୂଆଳ ।

୩ୟ ପ୍ରହରୀ —ଆରେ ଶୁଣିଛ କ'ଣ । ଆଗେ ଏହାଙ୍କୁ ବାନ୍ଧ ବାନ୍ଧ ।

ପବନା—ଭାଇ ଆମେ କିଛି ଦୋଷ କରିନାହୁଁ । ଆମକୁ ବାନ୍ଧ ନା

୪ର୍ଥ ପ୍ରହରୀ—ତୁମେ ଏଠିକି କାହିଁକି ଏତେବେଳେ ଆସିଛ । ସତ କହ ।

ଭାଗୁ—ଆମେମାନେ ରଜାଙ୍କ ସଙ୍ଗରେ ଆସିଥିଲୁ ମେଳିଆ ପରଜାଙ୍କ ସହିତ ଯୁଦ୍ଧ କରିଥାଆନ୍ତୁ ।

୪ର୍ଥ ପ୍ରହରୀ—ଆରେ, ତମ ଧନୁଶର କାହିଁ ?

ଭୀରୁ—ଆଗ ସବୁ କଥା ଶୁଣ ।

୪ର୍ଥ ପ୍ରହରୀ—ହଉ କଣ କହ ।

ଭୀରୁ – ଆମେସବୁ ଅନ୍ଧାରରେ ଲୁଚିକରି ଆସିଥିଲୁ ।

୪ର୍ଥ ପ୍ରହରୀ—ତା'ର ପର ।

ଭୀରୁ—ଜଙ୍ଗଲ ଭିତରୁ ଆମ ପଛପଟରେ ଗୋଟାଏ ଭୂତ ବାହାରି କାହାର ଗୋଡ଼ ହାଣିଲା, କାହାର ହାତ କାଟିଲା, ସମସ୍ତେ ବାପଲୋ ମାଆଲୋ ହୋଇ କିଏ କୁଆଡ଼େ ପଳେଇ ଗଲେ ।

୪ର୍ଥ ପ୍ରହରୀ – ତୁମ୍ଭେମାନେ ଭୂତକୁ ଶର ବନ୍ଧିଲ ନାହିଁ ।

ପବନା—କେହି ସ୍ଥିର ହୋଇ ରହିଲେ ସିନା ଧନୁରେ ଗୁଣ ଚଢ଼େଇ ଶର ବନ୍ଧିବେ, ରହିବାକୁ ତ ବେଳ ପାଇଲେ ନାହିଁ, ଶର ବନ୍ଧିବ କିଏ କପର ?

୪ର୍ଥ ପ୍ରହରୀ—ତେବେ ତ ଅନେକ ପୁଅଳ ମରି ଯାଇଥିବେ ।

ପବନା—କିଏ ମଲା, କିଏ ଗାଇଁଲା, ତାହା ଦେଖୁଛି କିଏ । ସମସ୍ତେ ନିଜ ନିଜ ପ୍ରାଣନେଇ ଭାଗେ ।

୪ର୍ଥ ପ୍ରହରୀ – ଆରେ ଗୋଟାଏ ଭୂତ ତୁମେ ଏତେଗୁଡ଼ାଏ ପୁଅଳଙ୍କି ବଳେଇଲା ।

ପବନା – ସେ ଗୋଟାକ ତ ମାୟାରେ ହଜାର ହୋଇଗଲା ।

୪ର୍ଥ ପ୍ରହରୀ—ରଜା କୁଆଡ଼େ ଗଲା ?

ଭୀରୁ – ରଜାତ ପାଲିଙ୍କିରେ ଆସୁଥିଲେ, ତାଙ୍କର କି ଦଶା ଘଟିଲା, ତା ମା'ବାସୁଲୀ ଜାଣନ୍ତି । ସମସ୍ତେ ତ ଆପଣାକୁ ରଖିବା ପାଇଁ ଭଣ୍ଡାଙ୍କଟା, ଧାନଢାଲ କିଛୁ ନ ମାନି ଧନୁଶର ପକେଇ ଦେଇ ଢେଇଁ ପଳାଇ ଗଲେ, ରଜାଫଜାଙ୍କୁ କିଏ ପଚାରେ ।

୪ର୍ଥ ପ୍ରହରୀ—ତୁମ କଥାରେ ଆମ୍ଭର ବିଶ୍ୱାସ ନାହିଁ । ଦିନ ହେବା ଯାଏ ତୁମ୍ଭଙ୍କୁ ଅଟକ ରଖିବୁ । (ପ୍ରହରୀକୁ ଚାହିଁ) ଏହି ଦୁଇଜଣଙ୍କୁ ଗୋଟାଏ ଘରେ ପୂରେଇ ବନ୍ଦକରି ରଖ । ରାତି ପାହିଲେ ଛାଡ଼ିଦେବ ।

(ଦୁଇଜଣ ପ୍ରହରୀ ତାଙ୍କୁ ନେଇ ପ୍ରସ୍ଥାନ)

(କୁବେର ସାହୁର ହସ୍ତଦ୍ୱୟ ବନ୍ଧନ କରି ତାକୁ ଧରି ଭୁଜବଳଙ୍କର ପ୍ରବେଶ)

ଭୁଜବଳ—(ପ୍ରହରୀ ଦ୍ୱୟଙ୍କୁ ଚାହିଁ) ଏବେ ତୁମେ ଯାଅ ରାଜଗୁରୁଙ୍କୁ ପଠାଇ ଦେବ ।

ପ୍ରହରୀ ଦ୍ୱୟ – ଯେ ଆଜ୍ଞା । (ପ୍ରସ୍ଥାନ)

ଭୁଜବଳ – ପାପିଷ୍ଠ ନରକର କୀଟ—ଜାଣୁନାହିଁ କ୍ଷତ୍ରିୟ ମହିମା— ଇଷ୍ଟଦେବ ନାମସ୍ମରି, ତୋର ରକ୍ତେ ରଞ୍ଜିବି ଧରଣୀ । (ଅସି ଉତ୍ତୋଳନ)

ରାଜଗୁରୁ – (ସହସା ପ୍ରବେଶ କରି) ବୀରବର, ବୀରବର !

ଭୁଜବଳ—କିଏ ଗୁରୁଦେବ (ଅଣୀ ନମନ)

ରାଜଗୁରୁ—ସ୍ଥିର ହୁଅ ! ଏହାର ଶୋଣିତେ କଳୁଷିତ କରନାହିଁ ବସୁଧାକୁ ଆଜ—ସଙ୍କଟରେ ନିର୍ବାସିତ କର ଏ ଅଧମ—ପାପ ଅନୁରୂପ ଫଳଭୁଞ୍ଜୁ ଦେଶାନ୍ତରେ ।

ଭୁଜବଳ—ଗୁରୁଦେବ ! ତବ ଆଜ୍ଞା ଶିରୋଧାର୍ଯ୍ୟ ମମ । ଏହି ମୁହୂର୍ତ୍ତେ ଏହାର ହେଉ ନିର୍ବାସନ ।

ରାଜଗୁରୁ—(ନେପଥ୍ୟକୁ ଚାହିଁ) କିଏ ଅଛ ।

ଦୁଇଜଣ—(ପ୍ରବେଶ କରି) ଆଜ୍ଞା ଆମ୍ଭେ ଗୁମାମା ଆଉ ମକର ।

ରାଜଗୁରୁ— ଭଲକଥା । ତୁମ୍ଭେ ଦୁହେଁ ଏହି କୁବେର ସାହୁକୁ ସବଂଶରେ ନେଇ ବୋଇତ ଦ୍ୱାରା ଆନ୍ଧ୍ର ଦେଶରେ ଛାଡ଼ିଦେଇ ଆସ ।

ଗୁମାନ ଓ ମକର – ଯେ ଆଜ୍ଞା, (ଧରନ୍ତେ)

କୁବେର ସାହୁ—ରାଜଗୁରୁ, ତୁମ୍ଭର କରୁଣାରୁ ଆଜ ମୋର ଜୀବନ ରହିଲା । ପାପର ଉଚିତ ଶାସ୍ତି ଦେଇଛ । ଗୋଟିଏ ବିଷୟ କହିବି !

ରାଜଗୁରୁ – ନିଃଶଙ୍କରେ କହ ।

କୁବେର ସାହୁ – ମାଘମାସ ଶୁକ୍ଳ ଚତୁର୍ଦ୍ଦଶୀରେ ମୋର ଇଷ୍ଟଦେବୀ ବାସୁଳୀଙ୍କର ବିବାହଯାତ୍ରା ପ୍ରତିବର୍ଷ କରିବେ, ଏ ଦେଶବାସୀ ମୋର ଜ୍ଞାତି ସମସ୍ତେ କୁବେର ପୁତ୍ର ନାମରେ ଅଭିହିତ ହେବେ ।

ରାଜଗୁରୁ—ତୁମର ପ୍ରାର୍ଥନା ନିଶ୍ଚୟ ପାଳିତ ହେବ ।

(କୁବେର ସାହୁଙ୍କୁ ନେଇ ଗୁମାନ ଓ ମକରର ପ୍ରସ୍ଥାନ)

ସୌଦାଗର—( ଛ ଜଣ ବଡ ସାନଙ୍କ ସହିତ ପ୍ରବେଶକରି )

ସାରବର ଭୁଜବଳଙ୍କ କୃପାରୁ ମୁଁ ଘୋର ସଙ୍କଟରୁ ରକ୍ଷାପାଇ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଆଜ ମୋର ସମସ୍ତ ସମ୍ପଦ ଏବଂ –

ରାଜଗୁରୁ – ସାବଧାନ । ଭୁଜବଳଙ୍କର ଏହି ଅଭ୍ୟୁଦୟ ଆପଣଙ୍କ ଅନୁଗ୍ରହରୁ ହୋଇଅଛି, ଏହା ତାଙ୍କର ଉପକାର ନୁହେଁ, ପ୍ରତ୍ୟୁପକାର । କ'ଣ କହିବାର ଅଛି ପରିଷ୍କାର କରି କହନ୍ତୁ ।

ସୌଦାଗର – ମୋର କନ୍ୟା କନକାଙ୍କୁ ଶ୍ରଦ୍ଧା ଭକ୍ତିରେ ତାଙ୍କ ହସ୍ତରେ ଅର୍ପଣ କରିବାକୁ ଅଭିଳାଷ କରେଁ ।

ଭୁଜବଳ—(ସ୍ୱଗତ) ଏହାହିଁ ମୋର ଆନ୍ତରିକ କାମନା ।

ରାଜଗୁରୁ—ସାରବର, ସୌଦାଗରଙ୍କ ଇଚ୍ଛା ପୂର୍ଣ୍ଣ କରିବ ।

ଭୁଜବଳ—( ଲଜ୍ଜାନତ ମସ୍ତକରେ ) ତାହା ମୋତେ କହିବା ନିଷ୍ପ୍ରୟୋଜନ । ମୁଁ ଆପଣଙ୍କ ନିର୍ଦ୍ଦେଶର ବଶବର୍ତ୍ତୀ ।

ସୌଦାଗର—ତେବେ ଯାଉଛି କନ୍ୟା ସହିତ ଆସିବି । (ପ୍ରସ୍ଥାନ)

ରାଜଗୁରୁ—(ବଡ଼ ସାନମାନଙ୍କୁ ଚାହିଁ) ଭଦ୍ରବୃନ୍ଦ । ତୁମର ମନୋରଥ ପୂର୍ଣ୍ଣ ହେଲା । ଧର୍ମେଜୟ, ପାପେକ୍ଷୟ ଏହା ଆଜି ଅକ୍ଷରେ ଅକ୍ଷରେ ସତ୍ୟ ହୋଇଛି । ଆଉ କି ଇଚ୍ଛା ?

ବୀର—ବୀର ଚୂଡ଼ାମଣି ଭୁଜବଳ ଭଞ୍ଜ ରାଜା, ଆପଣ ମନ୍ତ୍ରୀ, ଏହାପରେ ଆଉ ଆମ୍ଭମାନଙ୍କର କି ଅପର ଇଚ୍ଛା ଅଛି । କେବଳ ପରମ ପିତା ପରମେଶ୍ବରଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁଁ ।

ସୌଦାଗର—(କନ୍ୟା ସହିତ ପ୍ରବେଶ କରି) (ଲଜ୍ଜାନମ୍ରମୁଖୀ କନକାଙ୍କର ହାତ ଭୁଜବଳଙ୍କ ହାତରେ ଦେଇ) ବୀର ପ୍ରବର ! ଏହି ବିଜୟ ଉପହାର ସାଦରେ ଗ୍ରହଣ କରନ୍ତୁ । (ନେପଥ୍ୟରେ ଶଙ୍ଖ ହୁଳହୁଳି)

ରାଜଗୁରୁ—ମୋର କେତେଗୁଡ଼ିଏ କଥା କହିବାର ଅଛି ସେ ସକଳ ପ୍ରସ୍ତାବ ତୁମ୍ଭେମାନେ ଅନୁମୋଦନ କରିବାର ଆଶା କରେଁ ।

ସମସ୍ତେ—ନିଶ୍ଚୟ ନିଶ୍ଚୟ, କହିବା ହେଉ ।

ରାଜଗୁରୁ—ଆଜିଠାରୁ ରାଣୀଙ୍କ ନାମରେ କନକା ବୋଲି ଦେଶର ନାମ ହେଉ । ପୁରୁଷୋତ୍ତମ ଜଗନ୍ନାଥଙ୍କ ନିକଟରେ ଗୋଟିଏ ଖେଚଡ଼ି ଖଞ୍ଜା କରାଯାଉ ଯାହାକୁ ଚିରକାଳ ଲୋକେ ଜାନକା କହିବେ ।

ବୀର—ଆଉ କ'ଣ କହନ୍ତୁ ।

ରାଜଗୁରୁ—ଯେଉଁ ସ୍ଥାନରେ ସଂଗ୍ରାମ ହେଲା, ସେଠାରେ ସଂଗ୍ରାମପୁର ନାମରେ ଗୋଟିଏ ଗ୍ରାମ ଏବଂ ଯେଉଁଠାରେ କରଦା

ମୋତେ ଆଶା ଦେଇଥିଲେ ସେଠାରେ କରଦା, ଆରସା ନାମରେ ଦୁଇଟି ଗ୍ରାମ ସ୍ଥାପନ କରାଯାଉ ।

ବୀର—ଏହାପରେ ଆଉ କି କାର୍ଯ୍ୟ କରିବୁଁ ଆଜ୍ଞା ଦିଅନ୍ତୁ ।

ରାଜଗୁରୁ—ସୌଦାଗର ଶୀଳତାରେ ବିଖ୍ୟାତ, ଅତଏବ ଏହି ସ୍ଥାନଟିକୁ ଶୀଳ ପୋଖରୀ ବୋଲି ସମସ୍ତେ କହନ୍ତୁ । ଏହା ନିକଟରେ ଜୟନଗର ନାମରେ ରାଜଧାନୀ ସ୍ଥାପିତ ହେଉ ।

ବୀର—ଏହି ସବୁ ଆଦେଶ ଅବିଳମ୍ବରେ ପାଳନ କରିବାକୁ ଆମ୍ଭେମାନେ ପ୍ରସ୍ତୁତ ରହିଲୁ ।

ରାଜଗୁରୁ—(ଭୁଜବଳଙ୍କୁ ଚାହିଁ) ବତ୍ସ ! ତୁମ୍ଭେ ବିଶାଳ ମୟୂରଭଞ୍ଜର ମହାରାଜା ଲକ୍ଷ୍ମଣ ଭଞ୍ଜଙ୍କ କନିଷ୍ଠ ପୁତ୍ର ବିଶ୍ୱେଶ୍ୱର ଭଞ୍ଜଙ୍କ ସହୋଦର, ତୁମ୍ଭର ନାମ ଜଗଦୀଶ୍ୱର, ଭୁଜବଳରେ ଶତ୍ରୁ ଜୟ କରି ରାଜ୍ୟ ପ୍ରାପ୍ତ ହେବ ବୋଲି ନିୟତିବଶରେ ଭୁଜବଳ ବୋଲି ଦ୍ୱିତୀୟ ନାମ ଧାରଣ କରିଛ । ଆଜି ଦେଉଁ ଜୟଦୁର୍ଗାଙ୍କ ଅସୀମ ଦୟାରେ ବିଜୟ ଆଉ ଦେବୀ ତୁଲ୍ୟ ରାଣୀ ପାଇଲ, ସେହି ଜୟଦୁର୍ଗା ବଂଶ ପରମ୍ପରାକ୍ରମେ ତୁମ ଗୃହରେ ପୂଜିତ ହେବେ । ଏହାଙ୍କର ସ୍ୱପ୍ନାଦେଶ ପ୍ରତିପଦରେ ସଫଳ ହେଲା । ବର୍ତ୍ତମାନ ଆଉ କର୍ତ୍ତବ୍ୟ କ'ଣ ।

ଭୁଜବଳ—ତଥାପି, ଏହା ହେଉ ।

(ନର୍ତ୍ତକୀଗଣର ପ୍ରବେଶ, ଗାନ ଓ ନୃତ୍ୟ)

ଶରଣ କେବଳ ମୋର ତୋ ବିମଳ
ଚରଣ କମଳ ଶ୍ୟାମା
ହରିତ ବସନା ନିରତେ ବାସନା
ତାକୁ ମୋର ସଦା ମା' ମା' ।୧।

ସମର ରଙ୍ଗିଣୀ ଶଙ୍କର ସଙ୍ଗିଣୀ
ତ୍ରିପୁର ଅଙ୍ଗିଣୀ ଜୟ।
ଅମର ଦାନବ ଭୁଜଗ ମାନବ
ନ ଯାଚେ କେ ତବ ଦୟା ।୨।
ମାତ ଚତୁର୍ଭୁଜା ନ ଜାଣେ ମୁଁ ପୂଜା
ନଗେନ୍ଦ୍ର ତନୁଜା ତାରା
ଭକତ ପାଭଣା ଦେଇଛ ତରୁଣା
ବରଷି କରୁଣା ଧାରା ।୩।
ସମ୍ପଦ ବିପଦେ ନ ଟଳଣ ପଦେ
ରହୁ ତୁମ୍ଭ ପଦେ ଭକ୍ତି
ଦାସର ମାନସେ ରଜନୀ ଦିବସେ
ବସ ମା'ହରଷେ ଶକ୍ତି ।୪।
ବ୍ରାହ୍ମୀ ବୈତରଣୀ ପୂତା ଏ ଧରଣୀ
ସୁମାତ ସରଣୀ ଅଟେ
ସୁଜଳା ସୁଫଳା ଶସ୍ୟରେ ଶ୍ୟାମଳା
ରହୁ ପୁରୁକଳା କଟେ ।୫।

ସମସ୍ତେ—ଜୟ ଜୟ ଦୁର୍ଗାଜୟ
ଜୟ ଭୁଜବଳ ଭଞ୍ଜ ଜୟ
ଜୟ କନକା ଦେବୀ ଜୟ ।

(ଯବନିକା ପତନ)

—ସମାପ୍ତ—

କବିଭୂଷଣ, କବିରତ୍ନ, ସରସ୍ୱତୀ
ଦାମୋଦର ମିଶ୍ର. କା: ବ୍ୟା:ପୁ:ସ୍ମୃ: ତୀର୍ଥଙ୍କ ରଚିତ
ପୁସ୍ତକାବଳୀମଧ୍ୟରୁ ପ୍ରକାଶିତ ପୁସ୍ତକସମୂହ—

୧। କନକ ବର୍ଷ ଚରିତ
୨। ଗଜେନ୍ଦ୍ର ପ୍ରଶସ୍ତି
୩। ସଙ୍ଗୀତ ରତ୍ନ
୪। ଧ୍ରୁବ ତପସ୍ୟା (ନାଟକ)
୫। ସତ୍ୟ ବିଜୟ (ନାଟକ)
୬। ସୁଧାବିନ୍ଦୁ
୭। କିରାତାର୍ଜୁନୀୟ (ଅନୁବାଦ)
୮। ହୀରାଖଣି
୯। ମୂର୍ଖ କିଏ
୧୦। ଶୁକନାସୋପଦେଶ
୧୧। ପଞ୍ଚାମୃତ
୧୨। ଶ୍ରୀମଦ୍ଭାଗବତ ମାହାତ୍ମ୍ୟ
୧୩। ସୁଖ
୧୪। ଭଞ୍ଜକନକା
୧୫। ସୂକ୍ତିରତ୍ନାକର
୧୬। ଭକ୍ତ ଗୁହାର
୧୭। ରାମଗୀତା (ଅନୁବାଦ)
୧୮। ମଣି ପରିଚୟ
୧୯। ଭଦ୍ରକାଳୀ ସ୍ତୁତି
୨୦। ଚଣ୍ଡୀ ନଭଶତଶା

୨୧ । ଗଙ୍ଗାକାଳୀ ଜଣାଣ
୨୨ । ବିପନ୍ନାଶନ ଚଉତିଶା
୨୩ । ସତ୍ୟନାରାୟଣ ବ୍ରତ କଥା (ଜଳପାନ)
୨୪ । କଳିକୋଇଲି
୨୫ । ପଞ୍ଚାନନ ମେଳା
୨୬ । କବଚସ୍ତୁ
୨୭ । ପରିଣୟ ବର୍ଣ୍ଣନା
୨୮ । ଅଷ୍ଟାଦଶ ଉପଦେଶ

## ମୁକ୍ତି ପ୍ରତୀକ୍ଷାରେ

୧ । ସଙ୍ଗୀତ ସୁଧାକର
୨ । ବାମନାଭୁତ
୩ । ପାଣି ଫୋଟକା
୪ । ସାନ୍ତ ମଞ୍ଜୁଷା
୫ । ଦୁର୍ଲ୍ଲଭ ଯୋଗ
୬ । ପ୍ରାକୃତ କବିତା
୭ । ନବନବକ
୮ । ବନ୍ୟ କୁସୁମ ମାଳା
୯ । ସତ୍ପଥ
୧୦ । ଦୁଃଖ
୧୧ । ନିବେଦନ
୧୨ । ଅଦ୍ଭୁତ ଘଟଣା
୧୩ । ଶିଶୁ ସର୍ବସ୍ୱ
୧୪ । ନୈଷଧ ସାର

। ବେଦ
। ବେଦାନ୍ତସାର
। ସାଂଖ୍ୟଦର୍ଶନ
। ଅଷ୍ଟକାବଳୀ
। ସନ୍ଧ୍ୟାବିଧି
। ପ୍ରେତକଳ୍ପ
। ଷଡଲୌକିକନ୍ୟାୟ
। ଦାମୋଦର ନାମାବଳୀ
। ବର୍ଣ୍ଣାଦର୍ଶ
। ସ୍ୱତ୍ତ୍ୱବୋଧିନୀ
। ଗୋମାତା
। ଦାମୋଦର କଳ୍ପବୃକ୍ଷ
। କଳ୍ପଲତା
। ରତ୍ନହାର
। [illegible]
। [illegible]
। ରାମରାମାୟଣ
। [illegible]
। [illegible]
। [illegible]ଷ୍ଟକ (ଅନୁବାଦ
। ଗୀତାସାର ( ,, )
। [illegible] ( ,, )
। [illegible] ( ,, )
। [illegible] ( ,, )

୩୯ । [illegible]
୪୦ । ଶିବ [illegible]
୪୧ । ମେଘଦୂତ
୪୨ । ଅଗ୍ନିଷ୍ଟୋମ
୪୩ । [illegible]
୪୪ । ଭର୍ଗ ସ୍ତୋତ୍ର
୪୫ । ଶ୍ୟାମା[illegible] ସ୍ତୋତ୍ର
୪୬ । ଭଗବତୀ [illegible]
୪୭ । ମନ୍ତ୍ରମ୍
୪୮ । [illegible]
୪୯ । ପ୍ରେମ [illegible]
୫୦ । [illegible]
୫୧ । [illegible]
୫୨ । [illegible]
୫୩ । [illegible]
୫୪ । [illegible]
୫୫ । [illegible] (ଅନୁବାଦ)
୫୬ । [illegible] ( ,, )
୫୭ । [illegible] ( ,, )
୫୮ । [illegible] ( ,, )
୫୯ । [illegible]
୬୦ । [illegible]
୬୧ । [illegible]
୬୨ । [illegible]